ପ୍ରଥମ ବର୍ଷ • ପ୍ରଥମ ସଂଖ୍ୟା
ସେପ୍ଟେମ୍ବର-ଅକ୍ଟୋବର, ୨୦୧୫

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ

**ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଲଳିତ ମଞ୍ଜରୀ ଦାସ**

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଶୈଳଶ୍ରୀ ବିହାର**

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧**

ଦୂ.ଭା. : ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutinyas@gmail.com

Website : www.shrutinyasa.org


**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**

Spiritual Social Vedic Magazine

Bimonthly

Vol-1, Issue-1, Sep-Oct 2015


## ସୂଚୀପତ୍ର


| | | |
|---|---|---|
| ୦୧. | ପ୍ରତିଷ୍ଠାତାଙ୍କ ଲେଖନୀରୁ | ୦୨ |
| ୦୨. | ବିଶାଳ ସୃଷ୍ଟି ସଂକୀର୍ଣ୍ଣ ଦୃଷ୍ଟି | ୦୪ |
| ୦୩. | ଧର୍ମ ଓ ଧାର୍ମିକ | ୦୬ |
| ୦୪. | ଅଭିବାଦନ | ୧୪ |
| ୦୫. | ସ୍ୱରାଜ୍ୟର ମନ୍ତ୍ରଦ୍ରଷ୍ଟା ମହର୍ଷି ଦୟାନନ୍ଦ | ୧୮ |
| ୦୬. | ସତ୍ୟାର୍ଥ ପ୍ରକାଶ | ୨୨ |


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ପ୍ରତିଷ୍ଠାତାଙ୍କ ଲେଖନୀରୁ :**

# ବୟଂ ରାଷ୍ଟ୍ରେ ଜାଗୃୟାମ ପୁରୋହିତାଃ

ଈଶ୍ୱରୀୟ ବାଣୀ ବେଦ(ଯଜୁଃ. ୯:୨୩)ର ଏହି ସୂକ୍ତି ଉଦ୍‌ଘୋଷଣା ପୂର୍ବକ କହୁଛି କି ପୁରୋହିତମାନେ, ବ୍ରାହ୍ମଣମାନେ, ବିଦ୍ୱାନ୍‌ମାନେ, ବୁଦ୍ଧିଜୀବୀମାନେ, ପ୍ରଚାରକମାନେ ସଦୈବ ରାଷ୍ଟ୍ରକୁ ଜଗାଇବା କାର୍ଯ୍ୟ କରିବା ଉଚିତ, ଯଦ୍ୱାରା କି ଦେଶରେ କୌଣସି ପ୍ରକାର ଅବ୍ୟବସ୍ଥା, ସମାଜବିରୋଧୀ କାର୍ଯ୍ୟ କାୟାବିସ୍ତାର କରିପାରିବ ନାହିଁ ଏବଂ ଯଦି ବି କୌଣସି ଅହିତକର ବ୍ୟବସ୍ଥା କୌଣସି କୋଣରେ ଅଙ୍କୁରିତ ହେଉଥିବ, ତା'ର ମୂଳୋତ୍ପାଟନ ସହଜରେ ହୋଇଯିବ ।

ବେଦମାତାଙ୍କର ଏହି ସୂକ୍ତି ରାଷ୍ଟ୍ରଭକ୍ତି ଭାବନାରେ ଓତଃପ୍ରୋତ, ଯାହାକି ଯୁଗ-ଯୁଗରୁ ମାନବକୁ ପଥ-ପ୍ରଦର୍ଶନ କରାଇ ଆସୁଛି ଏବଂ ଭବିଷ୍ୟତରେ ମଧ୍ୟ କରାଇ ଚାଲିବ । ଏଥିରେ କୁହାଯାଇଛି କି ବିଦ୍ୱାନ୍, ବୁଦ୍ଧିଜୀବୀ ତଥା ରାଷ୍ଟ୍ରହିତୈଷୀ ଲୋକଙ୍କ କ'ଣ କର୍ତ୍ତବ୍ୟ, ଦେଶର ହିତ କେଉଁ ଭଳି କରାଯାଇପାରିବ । ଏମାନେ ସର୍ବଦା ରାଷ୍ଟ୍ରର ମାର୍ଗଦର୍ଶକ, ସତର୍କ ପ୍ରହରୀ ସଦୃଶ କାର୍ଯ୍ୟ କରିବା ଉଚିତ । ଠିକ୍ ସେହିପରି ଯେଉଁପରି କି ଯଜ୍ଞବେଦୀ ଉପରେ ବିରାଜମାନ ପୁରୋହିତ ଯଜମାନଙ୍କ ମାର୍ଗଦର୍ଶନ କରାଇ ନିଜର ସୁନ୍ଦର ଓ କଲ୍ୟାଣକାରୀ ଉପଦେଶ ମାଧ୍ୟମରେ ସର୍ବଦା ତାହା ଦ୍ୱାରା ସମୁଚିତ ପ୍ରକାରେ ଯଜ୍ଞ ସମ୍ପାଦନ କରାନ୍ତି ଯାହା କି ଯଜମାନ ଓ ଅନ୍ୟମାନଙ୍କ ପାଇଁ ଅଭିଳଷିତ ଫଳ ପ୍ରାପ୍ତି କାରକ ହୋଇଥାଏ । ପୁରୋହିତ ତ ତାଙ୍କୁ ହିଁ କହନ୍ତି, ଯିଏ ପୁରର ହିତ ପାଇଁ କାର୍ଯ୍ୟ କରନ୍ତି —— **'ପୁରୋ ହିତଂ ରତଃ ଇତି ପୁରୋହିତଃ' ।** ଯଜ୍ଞବେଦୀରେ ଯେଉଁ କାର୍ଯ୍ୟ ପୁରୋହିତ କରିଥାନ୍ତି, ରାଷ୍ଟ୍ରବେଦୀରେ ସେହି କାର୍ଯ୍ୟ ବିଦ୍ୱାନ୍-ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ।

ପୁରୋହିତ, ବ୍ରାହ୍ମଣ କିଏ ? ଯିଏ ପକ୍ଷପାତରହିତ, ବେଦର ଯଥାର୍ଥ ବେତ୍ତା, ଧର୍ମ-କର୍ମର ଠିକ୍-ଠିକ୍ ଜ୍ଞାତା, ଛଳ-କପଟରହିତ ବିଦ୍ୱାନ୍, ନିଜ ଅଭିପ୍ରାୟର ସିଦ୍ଧିର ଉଦ୍ଦେଶ୍ୟ ନ ରଖି ଯଜମାନର କଲ୍ୟାଣାକାଂକ୍ଷୀ, 'ସର୍ବଜନହିତାୟ ସର୍ବଜନସୁଖାୟ' ଉଦ୍ଦେଶ୍ୟର ପୂର୍ତ୍ତି ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି । ସେମାନଙ୍କୁ ହିଁ ଏହି ସୂକ୍ତିରେ ପୁରୋହିତ ବା ବ୍ରାହ୍ମଣ ବୋଲି କୁହାଯାଇଛି । ଅନ୍ୟମାନଙ୍କୁ ନୁହେଁ । ଏପରି ଯୋଗ୍ୟ ବ୍ୟକ୍ତି ଯେତେବେଳେ ରାଷ୍ଟ୍ରକୁ ଜାଗ୍ରତ କରିବା କାର୍ଯ୍ୟ କରନ୍ତି ତ ସେହି ରାଷ୍ଟ୍ରର ଉତ୍‌ଥାନକୁ କେହି ମଧ୍ୟ ଅଟକାଇପାରିବେ ନାହିଁ । ଧୁନ୍‌ର ଧନୀ ସଚ୍ଚା ବ୍ରାହ୍ମଣ ଆଚାର୍ଯ୍ୟ ପ୍ରବର ଚାଣକ୍ୟ ଯେଉଁ ସମୟରେ ଏହି ମନ୍ତ୍ରରୁ ପ୍ରେରଣା ନେଇ ରାଷ୍ଟ୍ରକୁ ଜଗାଇବା କାର୍ଯ୍ୟ କଲେ ତ ଏକ କ୍ରାନ୍ତିର ସୂତ୍ରପାତ ହେଲା ଏବଂ ଦୁଷ୍ଟ, ଅନ୍ୟାୟୀ ଶାସକଙ୍କୁ ପରାଭୂତ ହେବାକୁ ପଡ଼ିଲା । ଆଧୁନିକ ଯୁଗରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଯେତେବେଳେ ରାଷ୍ଟ୍ରର ଅଧଃପତନ ଦେଖିଲେ ସେତେବେଳେ ରାଷ୍ଟ୍ର-ବେଦୀରେ ସଚ୍ଚା ପୁରୋହିତ ହୋଇଗଲେ ଏବଂ ତାହା କରି ଦେଖାଇଲେ ଯାହାକି କେହି କଳ୍ପନା ବି କରିନଥିଲେ । ରାଷ୍ଟ୍ରବେଦୀର ପୁରୋହିତ ଆସନରେ ଉପବିଷ୍ଟ ହୋଇ ସତେ ଯେପରି ସେ ସଂକଳ୍ପ ନେଲେ ଯେ ଏକଦା ବିଶ୍ୱଗୁରୁ ଆସନରେ ଆସୀନ ଥିବା ଏବଂ ସୁବର୍ଣ୍ଣ ବିହଙ୍ଗ କୁହାଯାଉଥିବା ଏହି ଭାରତ ବର୍ଷର ହୃତଗୌରବ ଫେରାଇ ଆଣିବା ପାଇଁ ଏଇ ବେଦୀରେ ସ୍ୱ ଜୀବନ ଅର୍ପଣ କରିବି, ଏହି ଦେଶରେ କାହାକୁ ମୂର୍ଖ, ଅଜ୍ଞାନୀ, ଅଶିକ୍ଷିତ, ନିର୍ବଳ, ଦରିଦ୍ର , ଅସହାୟ ରହିବାକୁ ଦେବି ନାହିଁ, ବିଦେଶୀଙ୍କ ଦ୍ୱାରା ଦେଶବାସୀଙ୍କୁ ଲୁଣ୍ଠିତ ହେବାକୁ ଦେବି ନାହିଁ, ସମାଜରେ ଶକ୍ତିଶାଳୀ-ପ୍ରଭୁତ୍ୱଶାଳୀ ବର୍ଗ ଦ୍ୱାରା ଅସହାୟଙ୍କୁ ଶୈକ୍ଷିକ-ଧାର୍ମିକ-ସାମାଜିକ-ଅର୍ଥନୈତିକ ସ୍ତରରେ ଶୋଷିତ ହେବାକୁ ଦେବି ନାହିଁ । ପରିଣାମସ୍ୱରୂପ ରାଷ୍ଟ୍ରର

ଶିକ୍ଷା, ସଂସ୍କୃତି, ଧର୍ମ, ରାଜନୀତି ଆଦି ସମସ୍ତ କ୍ଷେତ୍ରରେ ଏକ ନବଜାଗରଣର ସୂତ୍ରପାତ ହେଲା । ଏ ହେଉଛି ଉପରୋକ୍ତ ସୂକ୍ତିର ମୂଳଭାବନା ।

ରାଷ୍ଟ୍ରକୁ ଜାଗ୍ରତ କରୁଥିବା ଯୋଗ୍ୟ ବ୍ୟକ୍ତି ଯେତେବେଳେ ଏହି ପବିତ୍ର ଭାବନାରେ କାର୍ଯ୍ୟ କରନ୍ତି ତ ନିଶ୍ଚିତ ରୂପେ ସେହି ରାଷ୍ଟ୍ର ଜାଗ୍ରତ ହୁଏ, ଉନ୍ନତିଶୀଳ ହୁଏ । ଏହାର ବିପରୀତରେ ଯେତେବେଳେ ଏମାନଙ୍କ ନିଷ୍କ୍ରିୟତା ଯୋଗୁଁ, ଅସଙ୍ଗଠନ କାରଣରୁ ସ୍ୱାର୍ଥୀ, ଲୋଭୀ ଏବଂ ସଂକୀର୍ଣ୍ଣମନା ଲୋକଙ୍କ କଥାରେ ଭଳି ଲୋକେ ପାଖଣ୍ଡରେ ଫସିଯାନ୍ତି ସେତେବେଳେ ମହାନ୍ ଦୁଃଖ ଓ କ୍ଷତି ସହିବାକୁ ପଡ଼ିଥାଏ । ଦୁଃଖର କଥା ଆଜି ଅଧିକାଂଶ ଲୋକେ ସ୍ୱବିବେକ ଉପରେ ତାଲା ପକାଇ, ବୁଦ୍ଧିରୂପକ ଆଖିରେ ଅନ୍ଧପୁଟୁଳି ବାନ୍ଧି ସଚ୍ଚା ବ୍ରାହ୍ମଣ(ବେଦବେତ୍ତା, ଜ୍ଞାନୀ)ଙ୍କ ମାର୍ଗଦର୍ଶନ ନ ମାନି ; ଅନେକ ଛଳ-ପ୍ରପଞ୍ଚ ରଚନା କରି, ଗୁରୁଗିରି ପ୍ରସାରିତ କରି, ବାଗ୍‌ଜାଲ ଦ୍ୱାରା ଜନତାଙ୍କ ଧନ ଉପରେ ଗୃଧ୍ର ଦୃଷ୍ଟି ପକାଇଥିବା ସ୍ୱାର୍ଥୀ, ଢୋଙ୍ଗ ଓ ଧୂର୍ତ୍ତତା ଦ୍ୱାରା ନିଜ ଉଦ୍ଦେଶ୍ୟ ସାଧନ କରିବାରେ ରତଥିବା ଲୋକଙ୍କ ଜାଲରେ ଏ ପ୍ରକାର ଫସି ଚାଲିଛନ୍ତି ଯେଉଁଥିରୁ କି ସେମାନଙ୍କ ମୁକୁଳିବା କଠିନ ହିଁ ନୁହେଁ, ଅସମ୍ଭବ ପ୍ରତୀତ ହେଲାଣି ।

ଆଜି କେହି ଗୁରୁମନ୍ତ୍ର ବାଣ୍ଟି ଜନତାଙ୍କ କଲ୍ୟାଣ କରିବା କଥା ଘୋଷଣା କରୁଛନ୍ତି, କେହି ବୀଜ ମନ୍ତ୍ର ଦେଇ ତ ଆଉ କେହି କେବଳ ଆଇସ୍‌କ୍ରିମ୍-ସିଙ୍ଗଡ଼ା-ଗୁପଚୁପ୍ ଖୁଆଇ ହିଁ ଲୋକଙ୍କ ଭାଗ୍ୟ ପରିବର୍ତ୍ତନ କରିବାର ଦାମ୍ଭିକତା ପ୍ରଦର୍ଶନ କରୁଛନ୍ତି । କେହି ଚିକ୍‌କଣ କଥା ଦ୍ୱାରା, କେହି ତଥାକଥିତ ଭକ୍ତିରେ ଲୀନ ହୋଇ ନାଚ-ଗୀତ ଦ୍ୱାରା, କେହି ଚେଲୀମାନଙ୍କ ସହ ରାସଲୀଳା ରଚି ଏବଂ କେହି କେବଳ ଗୁରୁ ସେବା ଦ୍ୱାରା ହିଁ ସବୁକିଛି ପ୍ରାପ୍ତ ହୋଇଯିବାର ଭେଲିକି ଦେଖାଇ ଲୋକଙ୍କ ସର୍ବସ୍ୱ ହରଣ ଏଭଳି ପ୍ରେମପୂର୍ବକ କରିଚାଲିଛନ୍ତି ଯେ, ଲୁଣ୍ଠିତ ହେଉଥିବା ଲୋକେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କିଛି ଶୁଣିବାକୁ ବି ଚାହୁଁନାହାନ୍ତି । ଏମାନଙ୍କ ଈଶ୍ୱର ସିଦ୍ଧି ଶୂନ୍ୟ ହୋଇଥିବା ବେଳେ ପରସ୍ୱ-ହରଣରେ ଏମାନେ ଯେ ଶତ ପ୍ରତିଶତ ସିଦ୍ଧ ଏକଥା ଅନସ୍ୱୀକାର୍ଯ୍ୟ । ଏମାନଙ୍କ ଏସବୁ କାର୍ଯ୍ୟ ଦ୍ୱାରା ଅନ୍ୟ କାହାର କିଛି କଲ୍ୟାଣ ହେଉ କି ନ ହେଉ ଏହି ଆତ୍ମଘୋଷିତ ଭଗବାନମାନଙ୍କର, ତଥାକଥିତ ଗୁରୁ-ବାବା-ମାତାମାନଙ୍କର ଐଶ୍ୱର୍ଯ୍ୟ ସିଦ୍ଧି ତ ହେଉଛି । ଏହା କେତେ ବିଡ଼ମ୍ବନାର ବିଷୟ ଯେ ଅନ୍ଧଶ୍ରଦ୍ଧାର ବଶୀଭୂତ ହୋଇ ଅନେକ ଲୋକ ଦିନକୁ ଦିନ ନିଜ ସମୟ ଓ ଧନ ହରାଇ ଏ ଧୂର୍ତ୍ତମାନଙ୍କ ଜାଲରେ ଫସି ଚାଲିଛନ୍ତି । ଯାହାଙ୍କ ପଛରେ କାଲି ୪/୫ଟି ଲୋକ ଥିଲେ ଆଜି ଲକ୍ଷ-ଲକ୍ଷ ଲୋକଙ୍କ ଭିଡ଼ ହୋଇଗଲାଣି । ଅଜ୍ଞାନର ପରାକାଷ୍ଠା ଭଲା ଆଉ କ'ଣ ହୋଇପାରେ ? କେଉଁଠି ପୂର୍ଣ୍ଣ ବୁଦ୍ଧିପୂର୍ବକ, ପରିଶ୍ରମ ଦ୍ୱାରା, ଜୀବନକୁ ଉପରକୁ ଉଠାଇବାର ବାସ୍ତବିକତା ଏବଂ କେଉଁଠି କେବଳ ଆଖି ବନ୍ଦ କରି ତଥାକଥିତ ଗୁରୁ-ବାବା-ବାପୁ-ମାତାଙ୍କ ପଛରେ ମେଷ ଭଳି ଅନୁସରଣ କରିବାର ଏ ପ୍ରଥା ? କ'ଣ ରାଷ୍ଟ୍ରର ଏହା ଦ୍ୱାରା କୌଣସି କଲ୍ୟାଣ ହେବାର ସମ୍ଭାବନା ଅଛି ? କଦାପି ନାହିଁ । ଏହାଦ୍ୱାରା ଉତ୍‌ଥାନ ତ କ'ଣ ହେବ ? ବରଂ ପତନ ତ ନୁହେଁ, ଘୋର ପତନ ହୋଇଚାଲିଛି । ଅପଠିତ-ଅଶିକ୍ଷିତଙ୍କ କଥା ତ ଛାଡ଼ନ୍ତୁ, ଆଜି ସୁପଠିତ ବର୍ଗରେ, ଯେଉଁମାନଙ୍କୁ ଆମେ ବଡ଼ ଡିଗ୍ରୀଧାରୀ, ଉପାଧିଧାରୀ, ବୁଦ୍ଧିଜୀବୀ ବୋଲି କହୁ, ସେମାନଙ୍କ ମଧ୍ୟରେ ବି ଘୋର ପାଖଣ୍ଡ ଚେର ବିସ୍ତାର କରିଚାଲିଛି । ଶସ୍ତା ଉପାୟ ଦ୍ୱାରା ସୁଖ ପ୍ରାପ୍ତ କରିବାର ଏକ ପ୍ରତିଯୋଗିତା ଲାଗିଯାଇଛି । ସମୟ-ସମୟରେ ଏହି ପାଖଣ୍ଡୀମାନଙ୍କ କଳା କାରନାମା ଲୋକଙ୍କ ସାମ୍ନାକୁ ଆସୁଛି ମଧ୍ୟ । ତଥାପି ବି ଲୋକଙ୍କ ଆଖି ଖୋଲୁନାହିଁ, ସେମାନେ ଜାଗୁନାହାନ୍ତି । ଏପରି ଅନ୍ଧକାରପୂର୍ଣ୍ଣ ସମୟରେ ସମାଜର କର୍ଣ୍ଣଧାର, ବୁଦ୍ଧିଜୀବୀ, ଜ୍ଞାନୀ, ଗୁଣୀ, ଚିନ୍ତକ, ମନୀଷୀ, ସାମଜହିତୈଷୀ, ଜାଗୁରକ ବ୍ୟକ୍ତିଙ୍କ କ'ଣ ଏହା ପ୍ରଥମ ଓ ପବିତ୍ର କର୍ତ୍ତବ୍ୟ ନୁହେଁ ଯେ, ଏକଜୁଟ ହୋଇ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ଢଙ୍ଗରେ ସମ୍ପୂର୍ଣ୍ଣ ଶକ୍ତି ଲଗାଇ ଏସବୁ ପାଖଣ୍ଡକୁ ନିଶ୍ଚିହ୍ନ କରିବା ପାଇଁ ଆଗେଇ ଆସିବା ଓ ସମାଜରେ ଜାଗୃତିର ଶଙ୍ଖନାଦ କରିବା ?

**ସ୍ୱାଧୀ ସୁଧାନନ୍ଦ ସରସ୍ୱତୀ**

❖❖❖

# ବିଶାଳ ସୃଷ୍ଟି ସଂକୀର୍ଣ୍ଣ ଦୃଷ୍ଟି

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ ॥**

(ଯଜୁଃ. ୪୦:୧)

**ପଦାର୍ଥ - (ଜଗତ୍ୟାମ୍)** ଗତିଶୀଳ, ନିତ୍ୟ ପରିବର୍ତ୍ତନଶୀଳ ବିଶାଳ ବ୍ରହ୍ମାଣ୍ଡରେ **(ଯତ୍ କିଂ ଚ)** ଯାହା କିଛି ବି **(ଜଗତ୍)** ଚର-ଅଚର ନିରନ୍ତର ଗତିଶୀଳ ପଦାର୍ଥ ଅଛି, **(ଇଦଂ ସର୍ବମ୍)** ଏସବୁ **(ଈଶା)** ଈଶ୍ୱରଙ୍କ ଦ୍ୱାରା **(ବାସ୍ୟମ୍)** ବ୍ୟାପ୍ତ, ଆଚ୍ଛାଦିତ । **(ତେନ)** ତେଣୁ **(ତ୍ୟକ୍ତେନ)** ତ୍ୟାଗପୂର୍ବକ **(ଭୁଞ୍ଜୀଥାଃ)** ଭୋଗ କର । **(ମା ଗୃଧଃ)** ଲୋଭ କର ନାହିଁ । **(କସ୍ୟ ସ୍ୱିତ୍ ଧନମ୍)** ଏ ଧନ କାହାର ? ଚିନ୍ତାକର ।

**ବ୍ୟାଖ୍ୟା - ଜଗତ୍ୟାମ୍ -**

ଆମକୁ ଯେତେବେଳେ କୌଣସି କ୍ଷେତ୍ରରେ ଛୋଟିଆ ସଫଳତାଟିଏ ମିଳିଯାଏ, ଆମେ ତାକୁ ହିଁ ଶ୍ରେଷ୍ଠ ସଫଳତା ବୋଲି ବିଚାରକରୁ । ଉଦାହରଣ ସ୍ୱରୂପ ଯେତେବେଳେ ଆମେ ଘରଟିଏ ତିଆରି କରୁ, ତା'ର ଛଅ ମାସ / ବର୍ଷେ ଯାଏ ଯିଏ ବି ଆମ ଘରକୁ ଆସେ ଜାଗା କିଣାଠୁ ଆରମ୍ଭ କରି ଘରର ଡିଜାଇନ୍, ଝରକା, କବାଟ, ପଲସ୍ତରା, ରଙ୍ଗ, ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀ; ଯଥା - ଛଡ଼, ଇଟା, ସିମେଣ୍ଟ, ମାର୍ବଲ, ଟାଇଲ୍, କାଠ ଇତ୍ୟାଦି ବିଷୟରେ ବହୁତ ଗପୁ; ଶ୍ରୋତାର ଶୁଣିବାର ଇଚ୍ଛା, ଧୈର୍ଯ୍ୟ ଓ ସମୟ ନଥାଉ ପଛକେ । ଖଣ୍ଡ-ମଣ୍ଡଳରେ ଆମ ଘରଟା ଯେ ଅଦ୍ୱିତୀୟ ଏ କଥା ପ୍ରମାଣିତ କରିବା ପାଇଁ ଶହେ ମିଛ କଥା କହିବା କି ଅତିଥିଙ୍କୁ ବସାଇ ରଖିବା ପାଇଁ ଆବଶ୍ୟକ ସ୍ଥଳେ ଚାହା-ଜଳଖିଆ-ଭୋଜନ ବି ଦେବା କୌଣସି ଥିରେ ଆମର କାର୍ପଣ୍ୟ ନଥାଏ । ଆମ କଥାରେ ଏକମତ ନ ହେଲେ କଥା କଟାକଟିରୁ ମନୋମାଳିନ୍ୟ ପର୍ଯ୍ୟନ୍ତ କଥା ଯାଏ ।

ଗୋଟିଏ ନଗରରେ ଜଣେ ବଡ଼ ଧନୀ ବ୍ୟବସାୟୀ ରହୁଥିଲେ । ତାଙ୍କର ଚଳ-ଅଚଳ ସମ୍ପତ୍ତି ବହୁତ । ସେ ନଗରକୁ ଜଣେ ସାଧୁ ମହାତ୍ମା ଏକ ଆଧାତ୍ମିକ କାର୍ଯ୍ୟକ୍ରମ ପାଇଁ ଆସିଲେ । ଶେଠ ଜଣକ ଅତିଥି ସତ୍କାର ପାଇଁ ସାଧୁଙ୍କୁ ସ୍ୱଗୃହକୁ ନିମନ୍ତ୍ରଣ କଲେ । ସାଧୁ ନିମନ୍ତ୍ରଣ ସ୍ୱୀକାର କରି କିଛି ସମୟ ପୂର୍ବରୁ ଗୃହରେ ପହଞ୍ଚିଲେ । ଉଦ୍ଦେଶ୍ୟ ହେଲା କିଛି ସମୟ ଆଧାତ୍ମିକ ଚର୍ଚ୍ଚାର ଅବସର ରହିବ । ତେଣେ ଶେଠ ବିଚାର କଲେ ଯେ 'ଭୋଜନର ତ ସମୟ ହୋଇନାହିଁ । ଭୋଜନ ପରେ ସାଧୁ ଚାଲିଯାଇପାରନ୍ତି । ତେଣୁ ଏ ସମୟ ମଧ୍ୟରେ ନିଜ ପରିଶ୍ରମର ଉପାର୍ଜିତ କୃତିତ୍ୱ ସବୁ ସାଧୁଙ୍କୁ ଦେଖାଇ ଦେବା ।' ସେ ସାଧୁଙ୍କୁ ତାଙ୍କ ବହୁତଳ ପ୍ରାସାଦ ବୁଲି ଦେଖିବା ପାଇଁ ଆଗ୍ରହ କଲେ ଓ ସାଧୁ ରାଜି ହୋଇ ଚାଲିଲେ । ଶେଠ ତାଙ୍କ ବହୁତଳ ପ୍ରାସାଦର ସବୁ ଭାଗ ଦେଖାଇବା ସହ ସେ ସବୁର ସାରଗର୍ଭକ ଇତିହାସ ଶୁଣାଇ ଚାଲିଥାନ୍ତି ଏବଂ ସେ ପ୍ରାସାଦରେ ଥିବା ପଦାର୍ଥଗୁଡ଼ିକ କେମିତି ଅମୂଲ୍ୟ-ଦୁର୍ମୂଲ୍ୟ ଓ ତାକୁ କେତେ ପରିଶ୍ରମରେ ସଂଗ୍ରହ କରିଛନ୍ତି ତାହା ବ୍ୟାଖ୍ୟାନ କରୁଥାନ୍ତି । କିଛି କହି ଶେଠ ପ୍ରତି ଥର ସାଧୁଙ୍କ ମୁହଁକୁ ଚାହୁଁଥାନ୍ତି । ସାଧୁ କିନ୍ତୁ ବିଶେଷ କିଛି କହୁନଥାନ୍ତି । ବାସ୍ ସ୍ମିତହାସ୍ୟ ସହ ପଦେ-ଅଧେ । ଶେଠ ବିଚାରିଲେ 'ସାଧୁ ତ ସାରା ସଂସାର ଭ୍ରମଣ କରୁଛନ୍ତି । ଆହୁରି ବଡ଼-ବଡ଼ ଶେଠଙ୍କ ଅତିଥି ହେଉଥିବେ । ତେଣୁ ମୋର ଏ ବହୁତଳ ପ୍ରାସାଦ କି ଏହା ଭିତରର ସୁନ୍ଦର ବସ୍ତୁଗୁଡିକ ଏହାଙ୍କୁ ପ୍ରଭାବିତ କରିପାରୁନାହାନ୍ତି । ମୋତେ ସାବାସି

ଦେଇ ବିଶେଷ କିଛି କହୁନାହାନ୍ତି । ମୁଁ ଏହାଙ୍କୁ ଛାତ ଉପରକୁ ନେଇ ମୋର କାରଖାନା ଓ ବିଶାଳ ଜମି-ବାଡ଼ି ଦେଖାଇବି ।'

ଶେଠ ସାଧୁଙ୍କୁ ଛାତ ଉପରକୁ ନେଲେ । ଦୂରରେ ଧୂଆଁ ଉଠୁଥିବା ଚିମିନି ଆଡ଼କୁ ଦେଖାଇ କହିଲେ, 'ସେଇଟା ମୋ କାରଖାନା ।' ଦେଖିଲେ ସାଧୁ କୌଣସି ବିଶେଷ ପ୍ରଶଂସା ସୂଚକ ଶବ୍ଦ କହୁନାହାନ୍ତି । ପୁଣି କହିଲେ- ' ଏମିତି ଆହୁରି ତିନୋଟି ଭିନ୍ନ-ଭିନ୍ନ କାରଖାନା ଅଛି ।' ସାଧୁଙ୍କ ପ୍ରସନ୍ନ ବଦନରେ ପୂର୍ବବତ୍ ସ୍ଥିତି । ତା' ପରେ କହିଲେ- 'ମୋ ପୂର୍ବପୁରୁଷଙ୍କ ବିଶେଷ ଜମି-ବାଡ଼ି ନଥିଲା । ସେପଟେ ଯେଉଁ ଶହ-ଶହ ଏକର ଜମି ଦେଖୁଛନ୍ତି ସେସବୁ ମୁଁ କିଣିଛି ।' ଦେଖିଲେ ସାଧୁ ପୂର୍ବବତ୍ ଶାନ୍ତ । ଏଥର ଶେଠଙ୍କ ଉତ୍ସାହ ବିରକ୍ତିରେ ପରିବର୍ତ୍ତିତ ହେବାକୁ ଲାଗିଲା ଓ ସେ ମନେ ମନେ ସାଧୁଙ୍କୁ ଗାଳିଦେବା ଆରମ୍ଭ କରିଦେଲେ- 'ଏ ବାବା ମୂକ ନା ବଧିର ନା ପାଗଳ? ଏସବୁ ଦେଖିପାରୁଛନ୍ତି, ମୋ କଥା ଶୁଣିପାରୁଛନ୍ତି, ବୁଝିପାରୁଛନ୍ତି ନା ନାହିଁ? ମୋତେ ପାଞ୍ଚ-ଦଶ ପଦ ଭଲଭାବେ ପ୍ରଶଂସା କରିଦେଲେ ୟାଙ୍କର କ'ଣ ସରିଯାଉଛି ? ମୋ ଘରେ ଷଡ଼ରସ ବ୍ୟଞ୍ଜନର ଭୂରିଭୋଜନ କରିବେ, ଅଥଚ ପ୍ରଶଂସା କଲାବେଳକୁ ୟାଙ୍କର ପାଟି ଖୋଲୁନି ।' 'ଗୋଟାଏ ଅପଦାର୍ଥକୁ ମୁଁ ଅଯଥା ନିମନ୍ତ୍ରଣ କଲି । ଗଣ୍ଡେ ଖାଇବାକୁ ଦେଇ ଶୀଘ୍ର ବିଦା କରିଦେଲେ ମୁଣ୍ଡବ୍ୟଥା ଯିବ'- ଏଇଆ ବିଚାର କରି ସାଧୁଙ୍କୁ କହିଲେ- 'ଚାଲନ୍ତୁ ତଳକୁ ଯିବା । ଆପଣଙ୍କ ଭୋଜନ ସମୟ ବିଳମ୍ବ ହୋଇଯିବ । ଆପଣ ଶୀଘ୍ର ଯିବେ, କାରଣ ଆପଣଙ୍କର ତେଣେ ଅନ୍ୟ କାମ ବି ଥିବ ।' ସାଧୁ ସବୁ ଶୁଣୁଥାନ୍ତି, ସବୁ ବୁଝୁଥାନ୍ତି, ବିଶେଷ କିଛି କହୁନଥାନ୍ତି ।

ବୈଠକ ଘରେ ଆସି ଉଭୟେ ବସିଥାନ୍ତି । ଏତିକି ବେଳେ ଶେଠଙ୍କ ୧୨-୧୩ ବର୍ଷ ବୟସର ନାତି ସେଠାକୁ ଆସିଲା । ସାଧୁ ତାକୁ ନାମ ଆଦି ପଚାରିବା ପରେ ପଚାରିଲେ- 'କୋଉ ଶ୍ରେଣୀରେ ପାଠ ପଢୁଛ ?' ସେ ତା'ଶ୍ରେଣୀ କହିଲା । ସାଧୁ କହିଲେ - 'ଆଟଲାସ୍ ଅଛି ତୁମ ପାଖରେ, ତୁମେ ଦେଖି ଜାଣିଛ ?' ସେ ହଁ ଭରିଲା । ' କୌଣସି ବି ଜାଗା କହିଲେ ତୁମେ ମୋତେ ଆଟଲାସ୍‌ରେ ଦେଖାଇ ପାରିବ ?' ସେ ପିଲାଟି ହଁ କହି ଆଗ୍ରହରେ ଆଟ୍‌ଲାସ୍ ଓ ଜ୍ୟାମିତି ବାକ୍‌ସ ନେଇଆସିଲା । ସାଧୁ କହିଲେ- 'ପୃଥିବୀର ମାନଚିତ୍ର ଦେଖାଅ ।' ସେ ଦେଖାଇଲା । 'ଭାରତ ଦେଖାଅ' । ପିଲାଟି ଦେଖାଇଲା । 'ତୁମେ ରହୁଥିବା ପ୍ରଦେଶ ଦେଖାଅ' କହିବାରୁ ସେ ପେନ୍‌ସିଲ୍ ସାହାଯ୍ୟରେ ପ୍ରଦେଶର ସୀମା (ଛୋଟ ଆକାରରେ ଥିବା) ଦେଖାଇଲା ।'ତୁମେ ରହୁଥିବା ନଗର ଦେଖାଅ'- ସାଧୁ କହିଲେ । ପିଲାଟି କହିଲା ସ୍ପଷ୍ଟ ରୂପେ ପରିସୀମା ସହ ଦେଖାଇ ହେବ ନାହିଁ । ଏ ପେନ୍‌ସିଲ୍‌ର ମୁନ ରଖି ବିନ୍ଦୁ ଆକାରରେ ଦେଖାଇପାରିବି । ଏ ଦେଖନ୍ତୁ ମୁଁ ରଖୁଛି କହି ସେ ମୁନ ରଖିଲା ।' ତା' ପରେ ସାଧୁ କହିଲେ- 'ଏଇ ନଗରରେ ତୁମ ଜେଜେବାପାଙ୍କ ଯେଉଁ ଏତେ ବଡ଼ ଜମି-ଜମା, ଘର-ଦ୍ୱାର, କଳ-କାରଖାନା ପରିବେଷ୍ଟିତ ଅଞ୍ଚଳ ଅଛି, ତାହା ଟିକିଏ ଏ ଆଟ୍‌ଲାସ୍‌ରେ ଦେଖାଇଲ ।' ପିଲାଟି କହିଲା- 'ସମ୍ଭବ ନୁହେଁ । ଏଥିରେ ପେନ୍‌ସିଲ୍ ମୁନ ବି ରଖି ଦେଖାଇ ହେବନି ।' ସାଧୁ କହିଲେ - 'ଆଶ୍ଚର୍ଯ୍ୟ କଥା ! 'ଜେଜେବାପାଙ୍କର ଏତେ ସବୁ ଜମି-ଘର-କାରଖାନା, ଅଥଚ ନାତି କହୁଛି ଯେ ଆଟ୍‌ଲାସ୍‌ରେ ପେନ୍‌ସିଲ୍ ମୁନ ବି ରଖିହେଉନି ।' ଶେଠ ସବୁ ବୁଝିଗଲେ ।

ଆମେ ଯେତେବେଳେ ଆମ ଘରକୁ ନେଇ ଅଭିମାନ କରୁ, ସେତେବେଳେ ମନେ ରଖିବା ଉଚିତ ଯେ ସେହି ସାହିରେ କେବଳ ଆମର ଜଣକର ଘର ନାହିଁ । ଆମ ଘର ଭଳି ଅନେକ ଘର ମିଶି ସାହି ହୋଇଛି । ଏଇମିତି ଅନେକ ସାହି ମିଶି ଗାଁ', ସହର । ଗୋଟିଏ ଜିଲ୍ଲାରେ ଅନେକ ଗାଁ, ସହର ଓ ଅନେକ ଜିଲ୍ଲା ମିଶି ଏକ ପ୍ରଦେଶ । ଏକ ଦେଶ ଭିତରେ ଅନେକ ପ୍ରଦେଶ । ଏକ ମହାଦେଶରେ

**(ଅବଶିଷ୍ଟ ୧୩ ପୃଷ୍ଠାରେ)**

**ସିଦ୍ଧାନ୍ତ ଚର୍ଚ୍ଚା :**

# ଧର୍ମ ଓ ଧାର୍ମିକ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ମନୁଷ୍ୟ ସଂସାରର ସର୍ବଶ୍ରେଷ୍ଠ ପ୍ରାଣୀ—ଏ ବିଷୟରେ ସମସ୍ତେ ଏକମତ । କିନ୍ତୁ ମନୁଷ୍ୟ ଶ୍ରେଷ୍ଠ କାହିଁକି ? କ'ଣ ଖାଇବା-ପିଇବା, ଖେଳିବା-ବୁଲିବା, ମଉଜ-ମଜଲିସ୍ ଓ ଆମୋଦ-ପ୍ରମୋଦରେ ଲିପ୍ତ ରହିବା ଯୋଗୁଁ ମନୁଷ୍ୟ ଶ୍ରେଷ୍ଠ ? ଏ ସମ୍ବନ୍ଧରେ ଜଣେ କବି ବିଚାର ବ୍ୟକ୍ତ କରିଛନ୍ତି—

**ଖାଦତେ ମୋଦତେ ନିତ୍ୟଂ**
**ଶୁନକଃ ଶୂକରଃ ଖରଃ ।**
**ତେଷାମେଷାଂ କୋ ବିଶେଷୋ**
**ବୃତ୍ତିର୍ୟେଷାଂ ତୁ ତାଦୃଶୀ ॥**

କୁକୁର, ଘୁଷୁରୀ ଓ ଗଧ ଆଦି ପ୍ରାଣୀମାନେ ତ ଖାଇ-ପିଇ, ଖେଳି-ବୁଲି ଜୀବନ କଟାଇ ଦିଅନ୍ତି । ଯଦି ମନୁଷ୍ୟ ବି କେବଳ ଏସବୁ କର୍ମରେ ଜୀବନର ସାର୍ଥକତା ମନେକରି ଏଥିରେ ହିଁ ମଜ୍ଜି ରହେ, ତେବେ ପଶୁ ଓ ତା' ଭିତରେ ପାର୍ଥକ୍ୟ କ'ଣ ? ପ୍ରଶ୍ନ ଉଠେ ଯେ ଯଦି ଉପରୋକ୍ତ କର୍ମଗୁଡ଼ିକ ମନୁଷ୍ୟର ଶ୍ରେଷ୍ଠତ୍ୱର ହେତୁ ନୁହନ୍ତି, ତେବେ ପ୍ରକୃତ କାରଣଟି କ'ଣ ? ଏ ସମ୍ପର୍କରେ ମନୀଷୀଗଣ ପର୍ଯ୍ୟାପ୍ତ ଚିନ୍ତନ-ମନନ କରିଛନ୍ତି ଏବଂ ଯଥାର୍ଥ କାରଣଟିକୁ ମଧ୍ୟ ସ୍ପଷ୍ଟ ରୂପ ଦର୍ଶାଇଛନ୍ତି—

**ଆହାର–ନିଦ୍ରା–ଭୟ–ମୈଥୁନଂ ଚ**
**ସାମାନ୍ୟମେତଦ୍ ପଶୁଭିର୍ନରାଣାମ୍ ।**
**ଧର୍ମୋ ହି ତେଷାମଧିକୋ ବିଶେଷୋ**
**ଧର୍ମେଣ ହୀନାଃ ପଶୁଭିଃ ସମାନାଃ ॥**

(ହିତୋପଦେଶ. ୧:୨୫)

ଭୋଜନ, ଶୟନ, ଭୟ ଓ ସନ୍ତାନ-ପ୍ରଜନନ – ଏ କ୍ରିୟାଗୁଡ଼ିକ ମନୁଷ୍ୟ ଓ ପଶୁ ଉଭୟଙ୍କ ମଧ୍ୟରେ ସମାନ ଓ ସ୍ୱାଭାବିକ ଭାବରେ ଦେଖାଯାଏ । ଧର୍ମାଚରଣ ହିଁ ମନୁଷ୍ୟର ବୈଶିଷ୍ଟ୍ୟ । ଧର୍ମ ହିଁ ମନୁଷ୍ୟ ଓ ପଶୁ ମଧ୍ୟରେ ଥିବା ବିଭାଜନ ରେଖା । ଏହା ହିଁ ମନୁଷ୍ୟକୁ ଅନ୍ୟ ପଶୁଙ୍କଠାରୁ ପୃଥକ୍ ପରିଚୟ ପ୍ରଦାନ କରେ । ଧର୍ମର ଆଚରଣ ଦ୍ୱାରା ହିଁ ମନୁଷ୍ୟ ଯଥାର୍ଥରେ ନିଜକୁ 'ମନୁଷ୍ୟ' ବୋଲି କହିବାର ଅଧିକାରୀ ହୋଇଥାଏ । ମନୁଷ୍ୟ ଶରୀର ଧାରଣ କରି ସୁଦ୍ଧା ଯିଏ ଧର୍ମାଚରଣ କରେ ନାହିଁ, ସିଏ ପଶୁ ସଙ୍ଗେ ସମାନ । ଭକ୍ତକବି ମଧୁସୂଦନଙ୍କ ଭାଷାରେ – **'ବୃଥା ଜୀବନ ଯହିଁ ନାହିଁ ଧରମ, ପଶୁଲୀଳା ସାଧନ ମାତ୍ର କରମ ।'** ତେବେ ପ୍ରଶ୍ନ ଉଠେ ଯେ ଧର୍ମ କ'ଣ ? ଧର୍ମର ସ୍ୱରୂପ ସଂପର୍କୀୟ ଜ୍ଞାନ ବିନା ତ ଏହାର ଆଚରଣ କରିବା ସମ୍ଭବ ନୁହେଁ ।

ଧର୍ମ ଏକ ସଂସ୍କୃତ ଶବ୍ଦ । ଭ୍ୱାଦିଗଣାନ୍ତର୍ଗତ **'ଧୃଞ୍ ଧାରଣେ'** ଧାତୁରେ ଔଣାଦିକ ମନ୍ ପ୍ରତ୍ୟୟ (ଉଣାଦି. ୧:୧୪୦) ଯୋଗ ହେଲେ ଧର୍ମ ଶବ୍ଦ ନିଷ୍ପନ୍ନ ହୁଏ । ଧର୍ମର ଅର୍ଥ ଧାରଣ କରିବା । ଏ ସମ୍ବନ୍ଧରେ ମହର୍ଷି ବେଦବ୍ୟାସ କହନ୍ତି—

**ଧାରଣାଦ୍ ଧର୍ମ ଇତ୍ୟାହୁଃ**
**ଧର୍ମୋ ଧାରୟତେ ପ୍ରଜାଃ ।**
**ଯତ୍ ସ୍ୟାଦ୍ ଧାରଣସଂୟୁକ୍ତଂ**
**ସ ଧର୍ମ ଇତି ନିଶ୍ଚୟଃ ॥**

ଧାରଣ କରୁଥିବାରୁ ହିଁ ଏହାର ନାମ 'ଧର୍ମ' । ଧର୍ମ ପ୍ରଜାଙ୍କୁ ଧାରଣ କରେ । ଯାହା ଧାରଣ କରିବା

ଗୁଣରେ ସଂଯୁକ୍ତ, ତାହା ନିଶ୍ଚିତ ରୂପେ ଧର୍ମ । ଧର୍ମ ଦ୍ୱାରା ହିଁ ସମଗ୍ର ସଂସାର ଧୃତ, ଧର୍ମରେ ହିଁ ନିହିତ । ଏହା ହିଁ ବିଶ୍ୱବ୍ରହ୍ମାଣ୍ଡର ଧାରକ ତତ୍ତ୍ୱ । ଧର୍ମର ସ୍ୱରୂପ ଅତ୍ୟନ୍ତ ବ୍ୟାପକ । ଏଣୁ ଏହାର ସ୍ୱରୂପ ସମ୍ପର୍କରେ ଆଉ ଟିକେ ବିସ୍ତୃତ ବିବେଚନା କରିବା ।

ଆମେ ଯେତେବେଳେ ସଂସାର ପ୍ରତି ଦୃଷ୍ଟିପାତ କରୁ ଦେଖିବାକୁ ପାଉ ଯେ ପ୍ରତ୍ୟେକ ପଦାର୍ଥ ଭିତରେ କିଛି ଗୁଣ ରହିଛି, ପ୍ରତ୍ୟେକ ପଦାର୍ଥ କେତେକ କର୍ମ ସମ୍ପାଦନ କରନ୍ତି । ପଦାର୍ଥର ଗୁଣ-କର୍ମ ସମୂହକୁ ଉକ୍ତ ପଦାର୍ଥର ଧର୍ମ ବୋଲି କୁହାଯାଏ । ଯଥା– ଜଳର ଧର୍ମ ଶୀତଳତା ଓ ନିମ୍ନକୁ ଗତିକରିବା, ଅଗ୍ନିର ଧର୍ମ ପ୍ରକାଶ ଓ ଉଷ୍ଣତା ପ୍ରଦାନ କରିବା ତଥା ଊର୍ଦ୍ଧ୍ୱକୁ ଗତିକରିବା ଇତ୍ୟାଦି । ସେହିଭଳି ବୃକ୍ଷ-ବନସ୍ପତି ଆଦିରେ ଅନେକ ଗୁଣ ରହିଛି, ଯେଉଁସବୁ ଦ୍ୱାରା କି ସଂସାରର ଅଶେଷ କଲ୍ୟାଣ ସାଧିତ ହୋଇଥାଏ । ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ମଧ୍ୟ ଭିନ୍ନ-ଭିନ୍ନ ବିଶେଷ ଗୁଣ ସହ ଜନ୍ମ ନେଇଛନ୍ତି ତଥା ବିଭିନ୍ନ କର୍ମରେ ସଂଲଗ୍ନ ଅଛନ୍ତି । ଏସବୁ ଗୁଣ-କର୍ମ-ସ୍ୱଭାବର ଅପର ନାମ ଧର୍ମ । ପରନ୍ତୁ ଏସବୁ ସ୍ୱାଭାବିକ ଧର୍ମ । କାରଣ ଏମାନେ ଏପରି କରିବା ପାଇଁ ବାଧ୍ୟ । ଏମାନେ କର୍ତ୍ତୁମ୍-ଅକର୍ତ୍ତୁମ୍-ଅନ୍ୟଥାକର୍ତ୍ତୁମ୍‌ରେ ସ୍ୱତନ୍ତ୍ର ନୁହନ୍ତି ।

ଏହି ଜଡ଼ଜଗତ ନିୟମ ଆଧାରରେ ପରିଚାଳିତ । ନିଶ୍ଚିତ ସମୟରେ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ, ନିୟମିତ ସମୟ ବ୍ୟବଧାନରେ ଋତୁଚକ୍ରର ଆବର୍ତ୍ତନ, ଗ୍ରହ-ଉପଗ୍ରହାଦି ମହାକାଶୀୟ ପିଣ୍ଡଗୁଡ଼ିକର ନିୟମିତ ଗତି, ନିର୍ଦ୍ଦିଷ୍ଟ କ୍ରମରେ ଶରୀରରେ ବିଭିନ୍ନ ଅବସ୍ଥାରପରିପ୍ରକାଶ, ପ୍ରତ୍ୟେକ ବର୍ଗର ପ୍ରାଣୀଙ୍କର ନିର୍ଦ୍ଦିଷ୍ଟ ପଦ୍ଧତିରେ ଶରୀର ସଂରଚନା, ନିର୍ଦ୍ଦିଷ୍ଟ ବୀଜରୁ ନିର୍ଦ୍ଦିଷ୍ଟ ବୃକ୍ଷର ଉତ୍ପତ୍ତି, ବୃକ୍ଷ-ବନସ୍ପତିରେ ନିଶ୍ଚିତ କ୍ରମରେ ଅଙ୍କୁର, ପତ୍ର, ଫୁଲ ଓ ଫଳାଦିର ଉଦ୍‌ଗମ – ଏ ସମସ୍ତ ତଥ୍ୟ ଏହି ସତ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି ଯେ ସୃଷ୍ଟିର ପ୍ରତ୍ୟେକ ପରମାଣୁ ନିୟମରେ ବନ୍ଧା । ନିୟମ ଯୋଗୁଁ ହିଁ ସଂସାର ସୁବ୍ୟବସ୍ଥିତ । ଜଡ଼ ଜଗତ ଯେଉଁଭଳି ନିୟମରେ ବନ୍ଧା ହୋଇଥିବାରୁ ବ୍ୟବସ୍ଥିତ ରୂପେ ପରିଚାଳିତ, ମନୁଷ୍ୟ ସମାଜକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ମଧ୍ୟ ସେହିଭଳି କେତେକ ନିୟମର ଆବଶ୍ୟକତା ହୋଇଥାଏ । ଏସବୁ ଦ୍ୱାରା ସମାଜ ଶୃଙ୍ଖଳିତ ଓ ସୁସଂହତ ହୋଇ ବ୍ୟଷ୍ଟି ତଥା ସମଷ୍ଟି ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦର ସଞ୍ଚାର ହୋଇଥାଏ । ଉଦାହରଣ ସ୍ୱରୂପ ସୁରକ୍ଷିତ ଯାନବାହନ ଚଳାଚଳ ପାଇଁ ନିୟମ କରାଯାଇଛି ଯେ ପ୍ରତ୍ୟେକ ଗାଡ଼ିଚାଳକ ବାମପଟେ ଗାଡ଼ି ଚଳାଇବେ ଏବଂ ଅନ୍ୟକୁ ଅତିକ୍ରମ କରିବାକୁ ହେଲେ ତା'ର ଦକ୍ଷିଣ ପଟେ ଅତିକ୍ରମ କରିବେ ଇତ୍ୟାଦି । ଯାନବାହନ ଚଳାଚଳ ସମ୍ବନ୍ଧୀୟ ଏସବୁ ନିୟମ ଦ୍ୱାରା ସୁରକ୍ଷିତ ଗମନାଗମନ ହୋଇ ସମସ୍ତଙ୍କ ଧନ-ଜୀବନ ନିରାପଦ ରହିଥାଏ । ସେହିପରି ମାନବ ଜୀବନକୁ ସୁଖମୟ କରିବା ପାଇଁ, ସବୁ ଦିଗରୁ ଉନ୍ନତ କରିବା ପାଇଁ ଅନେକ ନିୟମ ପ୍ରଣୟନ କରାଯାଇଛି । ସେ ସମସ୍ତ ନିୟମର ସଂଗ୍ରହର ନାମ ଧର୍ମ ।

ମନୁଷ୍ୟ ଯୋନି ମୁଖ୍ୟତଃ କର୍ମଯୋନି । ଜୀବାତ୍ମାର ଉଭୟ ପ୍ରୟୋଜନ ଭୋଗ ଓ ଅପବର୍ଗ, ଅଭ୍ୟୁଦୟ ଓ ନିଃଶ୍ରେୟସକୁ ପୂର୍ଣ୍ଣ କରିବାର ସୁଯୋଗ ମନୁଷ୍ୟକୁ ମିଳିଛି । କେବଳ ସୁଯୋଗ ନୁହେଁ, ତା' ସାଙ୍ଗକୁ କର୍ମ କରିବା ନିମନ୍ତେ ଆବଶ୍ୟକୀୟ ସମସ୍ତ ମୌଳିକ ସାଧନ ବି ଈଶ୍ୱର ତାକୁ ଦେଇଛନ୍ତି । ସାଧନର ସଦୁପଯୋଗ ଓ ଦୁରୁପଯୋଗ କରିବାର ସ୍ୱାତନ୍ତ୍ର୍ୟ ମଧ୍ୟ ତାକୁ ପ୍ରାପ୍ତ ହୋଇଛି । ଏହି ସ୍ୱତନ୍ତ୍ରତାର ବିନିଯୋଗର ଆଧାରରେ ମାନବ ଜୀବନ ନିର୍ମାଣ ଅଥବା ନଷ୍ଟ ହୁଏ, ଇହଲୋକ ଓ ପରଲୋକ ଉନ୍ନତ କିମ୍ବା ନିକୃଷ୍ଟ ହୁଏ । ମହର୍ଷି କଣାଦ କହନ୍ତି– **'ଯତୋଽଭ୍ୟୁଦୟନିଃଶ୍ରେୟସସିଦ୍ଧିଃ ସ ଧର୍ମଃ ।'** (ବୈଶେଷିକ. ୧:୧:୬)— ଯେଉଁ କର୍ମ ଦ୍ୱାରା, ଯେଉଁ ଆଚରଣ ଦ୍ୱାରା ଏ ଉଭୟ ଲୋକର ସମୁଚିତ କଲ୍ୟାଣ ସାଧିତ ହୁଏ, ତାହା ଧର୍ମ ।

ମନୁଷ୍ୟ ଈଶ୍ୱରଙ୍କ ସୁନ୍ଦରତମ କୃତି ତଥା ଅମୂଲ୍ୟ ସମ୍ପତ୍ତି । ଏହି ସର୍ବୋତ୍ତମ ଶରୀରକୁ ଉତ୍ତମ ଗୁଣାବଳୀ

ଦ୍ୱାରା ସୁଭୂଷିତ କରିବାର ନାମ ଧର୍ମ । ଧର୍ମ ମନୁଷ୍ୟ ଭିତରେ ଶିବତ୍ୱର ସ୍ଥାପନା କରିବାକୁ ଚାହେଁ । ଏହା ମନୁଷ୍ୟକୁ ପଶୁତ୍ୱ ସ୍ତରରୁ ଉପରକୁ ଉଠାଇ ମାନବତା ଆଡ଼କୁ ନେଇଯାଏ ଏବଂ ଧୀରେ-ଧୀରେ ମାନବତାଠାରୁ ଉନ୍ନୀତ କରି ତାକୁ ଦେବତ୍ୱର ସ୍ତରରେ ଉପନୀତ କରାଏ । ଧର୍ମର ସୌରଭ ମନୁଷ୍ୟ ଜୀବନରେ ପ୍ରେମ, କରୁଣା, ସ୍ନେହ, ଶ୍ରଦ୍ଧା, ସଦ୍‌ଭାବ ଓ ସହଯୋଗ ଆଦି ଦିବ୍ୟଭାବର ସଞ୍ଚାର କରେ । ପରିଣାମରେ ତା'ର ଜୀବନ ହୋଇଉଠେ ଆନନ୍ଦମୟ ଓ ଦିବ୍ୟ ମହିମାରେ ମହିମାନ୍ୱିତ । ଏଣୁ ଭକ୍ତକବି ଧର୍ମର ମହିମା ଗାନ କରିଛନ୍ତି—

**ଧର୍ମ ଆହା ସେ କିବା ଅମୂଲ୍ୟ ଧନ,**
**ସରି ନୁହଁଇ ତାରେ ମଣି–କାଞ୍ଚନ ।**
**ସ୍ୱର୍ଗୀୟ ମାଧୁରୀରେ ସଦା ସୁନ୍ଦର**
**ମହୀମଣ୍ଡଳେ କାହିଁ ତା' ପଟାନ୍ତର ।**

ସଂସାରରେ ଅସଲି ବସ୍ତୁ ସାଙ୍ଗକୁ ନକଲି ବସ୍ତୁର ପ୍ରଚଳନ ମଧ୍ୟ ହୋଇଯାଇଥାଏ । ଏହି କାର୍ଯ୍ୟ ଧର୍ମ ନାମରେ ସଂସାରରେ ବହୁତ ବୃଦ୍ଧି ପାଇଛି । ବର୍ତ୍ତମାନ ସଂସାରରେ ଧର୍ମର ଯେଉଁ ରୂପ ବହୁଳ ଭାବରେ ଦେଖାଯାଉଛି, ତାହା ଅତ୍ୟନ୍ତ ବେଦନାଦାୟକ । ଧର୍ମ ସମ୍ପର୍କରେ ଭ୍ରମଧାରଣା, ଏହାର ଭୁଲ୍ ବ୍ୟାଖ୍ୟା ଓ ଭ୍ରମପୂର୍ଣ୍ଣ ପ୍ରଚାର ଯୋଗୁଁ ସମାଜରେ, ଦେଶରେ ଓ ବିଶ୍ୱରେ ତିକ୍ତତା, ଅଶାନ୍ତି, ଉତ୍ତେଜନା, ନିରାଶା ଓ ହତାଶାର ବାତାବରଣ ବ୍ୟାପିଯାଇଛି । ଭ୍ରାତୃତ୍ୱ, ସହଯୋଗ, ପ୍ରେମ ଓ ସହାବସ୍ଥାନ ରୂପକ ଧର୍ମର ସାର୍ବଭୌମ, ସର୍ବହିତକାରୀ ଓ ମଙ୍ଗଳମୟ ସ୍ୱରୂପ ପ୍ରାୟ ଲୁପ୍ତ ହେବାକୁ ବସିଲାଣି । ମନୁଷ୍ୟଜାତିକୁ ଧର୍ମ ନାମରେ ଛୋଟ ଛୋଟ ଭାଗରେ ବିଭକ୍ତ କରି, ମତ-ପନ୍ଥର ସଂକୀର୍ଣ୍ଣ ଗଣ୍ଡି ଭିତରେ ମନୁଷ୍ୟର ଉଦାତ୍ତ ଓ ମହନୀୟ ସ୍ୱରୂପକୁ ସୀମାବଦ୍ଧ କରି ତାକୁ ନିହାତି ଅସହାୟ ଓ ଅସୁରକ୍ଷିତ କରିବା ସହ ତା'ର ସୁଖ-ଶାନ୍ତି ଶେଷ କରି ଦିଆଯାଉଛି ।

ଧର୍ମ ନାମରେ ସରଳ, ନିରୀହ ଜନତାଙ୍କୁ ବହୁତ ଠକାଯାଇଛି ଓ ଯାଉଛି । ତଥାକଥିତ ଧାର୍ମିକ ଲୋକେ ଧର୍ମ ନାମରେ କେବଳ ଠକି ନାହାନ୍ତି, ସମାଜରେ ବହୁତ ହିଂସା ଓ ରକ୍ତପାତ ମଧ୍ୟ କରାଇଛନ୍ତି । ସୀମିତ ଗୁଣକୁ ନେଇ ଜନ୍ମ ହୋଇଥିବା ପଶୁ କମ୍ ସେ କମ୍ ନିଜ ଜାତିର ସମାପ୍ତି ତ ନିଜେ କରେ ନାହିଁ; କିନ୍ତୁ ସଂସାରର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲି ଗର୍ବ କରୁଥିବା ତଥା ଅସଂଖ୍ୟ ଗୁଣର ଭଣ୍ଡାର ଏଇ ମନୁଷ୍ୟ ପାରସ୍ପରିକ ସଂଘର୍ଷରେ ଲିପ୍ତ ରହି ନିଜେ ହିଁ ନିଜର ଅସ୍ତିତ୍ୱକୁ ସମାପ୍ତ କରିବାକୁ ଉଦ୍ୟତ । ତାହା ପୁଣି ଧର୍ମ ନାମରେ । ହାୟ, କି ବିଡ଼ମ୍ବନା ! ଯେଉଁ ଧର୍ମ ମନୁଷ୍ୟ ଜାତିକୁ ଏକତାର ସୂତ୍ରରେ ବାନ୍ଧିବାର ସର୍ବଶ୍ରେଷ୍ଠ ମାଧ୍ୟମ, ତା' ନାମରେ ତା'ର ବିକୃତ ରୂପକୁ ବହୁଳ ଭାବରେ ବିଦ୍ୱେଷ ସୃଷ୍ଟି କରିବା କାର୍ଯ୍ୟରେ ବ୍ୟବହାର କରାଯାଉଛି । ଯେଉଁ ଧର୍ମ ଏ ଧରାକୁ ଦିବ୍ୟଧାମରେ ପରିଣତ କରିବାକୁ ସକ୍ଷମ, ଆଜି ତା'ର ନାମ ନେଇ ବିଶ୍ୱକୁ ଏକ ବିଶାଳ ଧ୍ୱଂସସ୍ତୁପରେ ପରିଣତ କରିବାର ଅପଚେଷ୍ଟା ଚାଲିଛି । ଧର୍ମବୃକ୍ଷର ସୁଶୀତଳ ଛାୟାରେ ଉପବେଶନ କରି ମନୁଷ୍ୟ ଆନନ୍ଦରେ ଶାନ୍ତିସୁଧା ପାନ କରି ପାରୁଥାଆନ୍ତା ; କିନ୍ତୁ ସେ ଆଜି ଧର୍ମର ନାମ ଶ୍ରବଣରେ ଭୟ ଓ ଆତଙ୍କରେ ଶିହରି ଉଠୁଛି । ଧର୍ମ ସାଧାରଣ ବୁଦ୍ଧିସମ୍ପନ୍ନ ମଣିଷଟିଏ ପାଇଁ ଘୃଣା ଓ ଆତଙ୍କର ବସ୍ତୁ ହୋଇଯାଇଛି ।

ଆଜିର ମନୁଷ୍ୟ ଶରୀରରେ ପଙ୍କ-କାଦୁଅ ବୋଲି ଶରୀରକୁ ସ୍ୱଚ୍ଛ ରଖିବାକୁ ଚାହୁଁଛି । ନିଜ ଆତ୍ମାକୁ ଲୋଭ, ମୋହ, ଈର୍ଷ୍ୟା, ଦ୍ୱେଷ ଆଦି ଦୁର୍ଗୁଣରେ ଭୂଷିତ କରି ତାକୁ ପବିତ୍ର ରଖିବାର ଦୁରାଶା ପୋଷଣ କରୁଛି । କଣ୍ଟକିତ ଶଯ୍ୟାରେ ଶୟନ କରି ସୁମନ ଶଯ୍ୟାର କୋମଳତା କାମନା କରୁଛି । ଆଜିର ମନୁଷ୍ୟ ଧାର୍ମିକ ହେବାକୁ ନୁହେଁ, ବରଂ ଧାର୍ମିକ ବୋଲି ଦେଖାଇ ହେବାକୁ ଚାହେଁ । ତେଣୁ ହିଁ ଧାର୍ମିକ ଭାବେ ଦେଖାଯାଉଥିବା ବ୍ୟକ୍ତିଙ୍କ ଜୀବନ ଅନ୍ତଃସାରଶୂନ୍ୟ ହୋଇଯାଇଛି, ରହିଯାଇଛି କେବଳ ବାହ୍ୟ ଚିହ୍ନ । ଆଜି ପଞ୍ଚ 'କ'କାର ଧାରଣ କଲେ ଜଣେ ଶିଖ୍ ହୋଇଯାଉଛି,

ଖ୍ରୀଷ୍ଟଙ୍କୁ ବିଶ୍ୱାସ କରି କ୍ରସ୍‌ଟିଏ ଗଳାରେ ଲମ୍ବାଇଲେ ଖ୍ରୀଷ୍ଟିଆନ୍, ମହମ୍ମଦଙ୍କ ଉପରେ ବିଶ୍ୱାସ ରଖି ନିଶ କାଟି ଲମ୍ବା ଦାଢ଼ି ରଖିଲେ ଅବିଳମ୍ବେ ମୁସଲମାନ, ଏପରି ଭାବେ କଣ୍ଠି ଓ ସେପରି ଭାବେ ତିଳକ ଲଗାଇଲେ, ଦୈନିକ କି ମାସିକ ଏତିକି ଅର୍ଥ ଦେଲେ ଜଣେ ଅମୁକ ସଂସ୍ଥା-ସମ୍ପ୍ରଦାୟଭୁକ୍ତ ହୋଇଯାଉଛି । ବର୍ତ୍ତମାନ ସ୍ଥିତି ହୋଇଛି ଯେ ତୁମେ ଯେତେ ଇଚ୍ଛା ପାପ କର, ସତ୍-ଅସତ୍ ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କର, ହତ୍ୟା-ମିଥ୍ୟା-ଦୁର୍ନୀତିର ପଙ୍କରେ ଯେତେ ଉବୁଟୁବୁ ହେଉଥାଅ, ଥରେ ଗଙ୍ଗାରେ ସ୍ନାନ କରିଦେଲେ ବା ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଦେଲେ, କୌଣସି ବାବା, ମାତା କି ଗୁରୁଙ୍କ ଆଶ୍ରୟ ଗ୍ରହଣ କରିନେଲେ, କୌଣସି ମଠ-ମନ୍ଦିରରେ ପଣ୍ଡା-ପୂଜାରୀଙ୍କ ଦ୍ୱାରା ଜପ-ତପ, ଭୋଗ-ରାଗ କରାଇଦେଲେ, ଅମୁକ ଠାକୁର-ଠାକୁରାଣୀଙ୍କୁ ଏତିକି ଅର୍ଥ ବା ଅମୁକ ପଦାର୍ଥ ଭେଟି ଦେଲେ ତୁମର ସବୁ ପାପ ଧୋଇ ହୋଇଯିବ । ଗୁରୁଗ୍ରନ୍ଥ ସାହେବଙ୍କୁ ମୁଣ୍ଡିଆ ମାରି ଆସନର ଧୂଳି ମୁଣ୍ଡରେ ମାରିଲେ ତୁମେ ଧର୍ମାତ୍ମା ପାଲଟିଯିବ । ଯୀଶୁ କି ମହମ୍ମଦଙ୍କ ଉପରେ ଆସ୍ଥା ସ୍ଥାପନ କଲେ ସେ ତୁମର ସବୁ ପାପ କ୍ଷମା କରାଇଦେବେ । ଏହା ହିଁ ଆଜି ଧର୍ମର ରୂପ ହୋଇଯାଇଛି । ଅନ୍ୟ ଭାଷାରେ କହିଲେ ବର୍ତ୍ତମାନ ଧର୍ମ ସବୁ ପ୍ରକାର ପାପ ନିମନ୍ତେ ଅନୁମତି ପତ୍ର ହୋଇଯାଇଛି ବୋଲି କହିବା ବୋଧହୁଏ ଠିକ୍ ହେବ । ଏଣୁ ଆଜି ଧର୍ମ ହିଁ ଯାବତୀୟ ପାପର ମୁଖ୍ୟ କାରଣ ହେଲା ପରି ମନେହେଉଛି । ଧର୍ମର ଆବରଣ ସମସ୍ତ କୁକର୍ମକୁ ଢାଙ୍କିବାର ପ୍ରକୃଷ୍ଟ ମାଧ୍ୟମ ହେଲା ଭଳି ଲାଗୁଛି । ଏଇଥିପାଇଁ ହିଁ କବି କାଳିନ୍ଦୀଚରଣ କହିଲେ—**'ଧର୍ମ–ଘୋଡ଼ଣୀ ଭିତରେ ପଶିଲେ ସାତଖୁଣୀ ହେବ ମାଫ, ଦରକାର ଯେଣୁ କରିବା ଆମର ସଦ୍ୟ ଶହେଟା ପାପ ।'** ଏଭଳି ଧର୍ମ ଠାରୁ ବଳି ବଡ଼ ପାଖଣ୍ଡ ଆଉ କିଛି ହୋଇ ନପାରେ । ଏଭଳି ଧର୍ମକୁ ଯଦି ମହାତ୍ମା କବୀର, ମହର୍ଷି ଦୟାନନ୍ଦ ଆଦି ସମାଲୋଚନା କରିଛନ୍ତି, ତେବେ କିଛି ଖରାପ କରିନାହାନ୍ତି । କାର୍ଲମାର୍କସ୍ ଯଦି ଏପରି ଧର୍ମକୁ ଅଫିମର ସଞ୍ଜ୍ଞା ଦେଲେ ତେବେ ସେଥିରେଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ଯଦି ଏହାକୁ ହିଁ ଧର୍ମ ବୋଲି କୁହାଯାଏ, ତେବେ ଅଧର୍ମ ପୁଣି କ'ଣ ?

ତେବେ କ'ଣ ଧର୍ମ ତ୍ୟାଜ୍ୟ ? ଧର୍ମ କ'ଣ ବର୍ଜନୀୟ ? ଧର୍ମର ରୂପ ଯଦି ଏତେ ବିଗିଡ଼ି ଯାଇଛି ତେବେ କ'ଣ ତା'ଠୁ ଦୂରେଇ ରହିବା ହିଁ ଶ୍ରେୟସ୍କର ?

ଅନେକ ସମୟରେ ଆମେ ଶୁଣୁ ଯେ ଅମୁକ ସ୍ଥାନରେ ଡକାଏତମାନେ ଡକାୟତି କଲେ ଏବଂ ସେତେବେଳେ ସେମାନେ ଆରକ୍ଷୀ ପୋଷାକ ପରିଧାନ କରିଥିଲେ । ସୈନିକ ପୋଷାକ ପିନ୍ଧି ଆତଙ୍କବାଦୀମାନେ ଗଣହତ୍ୟା କରିବା କଥା ମଧ୍ୟ ଆମେ ଖବରକାଗଜରୁ ପଢୁ । ତେବେ କ'ଣ ଏସବୁ କୁକର୍ମ ପାଇଁ ଆମେ ବାସ୍ତବିକ ପୋଲିସ୍ କିମ୍ବା ପ୍ରକୃତ ସୈନିକକୁ ଦାୟୀ କରି ପାରିବା ? ଏଭଳି କାର୍ଯ୍ୟ ଘଟିଲା ବୋଲି କ'ଣ ଆମେ ଦେଶରୁ ପୋଲିସ୍‌ବାହିନୀ ଓ ସେନାବାହିନୀକୁ ସମାପ୍ତ କରିଦେବା ? ଯଦି ଏଭଳି ଦାୟିତ୍ୱହୀନ ଓ ଭୁଲ୍ ପଦକ୍ଷେପ ଗ୍ରହଣ କରାଯାଏ, ତେବେ ତା'ର ପରିଣାମ କ'ଣ ହେବ ଚିନ୍ତା କରାଯାଇ ପାରୁଛି ତ ? ଏପରି କାର୍ଯ୍ୟ ଦ୍ୱାରା ରାଷ୍ଟ୍ରର ଆଭ୍ୟନ୍ତରୀଣ ଆଇନଶୃଙ୍ଖଳା ଓ ବାହ୍ୟ ସୀମା କ'ଣ ସୁରକ୍ଷିତ ରହିପାରିବ ? ଏସବୁ କର୍ମ ଦ୍ୱାରା ଯେପରି ରାଷ୍ଟ୍ର ଅସୁରକ୍ଷିତ ହୋଇଯିବ ଠିକ୍ ସେହିଭଳି ଧର୍ମକୁ ମନୁଷ୍ୟ ଜୀବନରୁ ବାଦ୍ ଦେଇଦେଲେ ସମାଜର ସ୍ଥିତି ବି ସେଇଆ ହେବ ।

ଅଖାଦ୍ୟ ଖାଇ ଲୋକେ ରୋଗଗ୍ରସ୍ତ ହେଉଥିବା ଦେଖି ଯଦି ଏ ନିଷ୍କର୍ଷରେ ପହୁଞ୍ଚାଯାଏ ଯେ ଖାଦ୍ୟ ହିଁ ସମସ୍ତ ରୋଗର କାରଣ ଏବଂ ଏଥିପାଇଁ ଯଦି ଖାଦ୍ୟ ହିଁ ନ ଖାଇବା ନିମନ୍ତେ ପରାମର୍ଶ ଦିଆଯାଏ, ତେବେ ତ ତାହା ଉଚିତ ସମାଧାନ ନୁହେଁ । କାରଣ ଖାଦ୍ୟ ବିନା ଜୀବନ ହିଁ ସମାପ୍ତ ହୋଇଯିବ । ଏହା ମହରଗରୁ ଯାଇ କାନ୍ତାରରେ ପଡ଼ିଲା ଭଳି ହେବ । ମୁଣ୍ଡବ୍ୟଥାର ଉପଚାର ତ ମୁଣ୍ଡକାଟ ନୁହେଁ । ସେହିପରି ତଥାକଥିତ ଧର୍ମ (ବାସ୍ତବରେ ଅଧର୍ମ) ଦ୍ୱାରା ହେଉଥିବା ହାନିକୁ ଦେଖି ଆମେ ଯଦି ଧର୍ମକୁ ତ୍ୟାଗ କରିଦେବା ତେବେ ସମାଜର ଅସ୍ତିତ୍ୱ ଉପରେ ହିଁ ପ୍ରଶ୍ନ ଚିହ୍ନ

ଲାଗିଯିବ । ପ୍ରାଣ ବିନା ଯେଉଁଭଳି ମନୁଷ୍ୟ ଜୀବିତ ରହିପାରେ ନାହିଁ, ପ୍ରକାଶ ଓ ଉଷ୍ଣତା ବ୍ୟତୀତ ଯେପରି ସୂର୍ଯ୍ୟ ନିରର୍ଥକ, ଜ୍ୟୋତ୍ସ୍ନାକୁ ଛାଡ଼ି ଯେମିତି ଜହ୍ନର କୌଣସି ମହତ୍ତ୍ୱ ନାହିଁ, ପୌଷ୍ଟିକ ତତ୍ତ୍ୱବିହୀନ ଅନ୍ନର ଯେଉଭଳି କୌଣସି ମହତ୍ତ୍ୱ ନାହିଁ, ଶୀତଳତା ଗୁଣରହିତ ଜଳ ଯେଉଁପରି ମହତ୍ତ୍ୱହୀନ, ସେହିଭଳି ଧର୍ମ ବିନା ମନୁଷ୍ୟର କୌଣସି ମୂଲ୍ୟ ନାହିଁ । ଏଇ କଥା ଭୀଷ୍ମ ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି—

**ପୁଲାକା ଇବ ଧାନ୍ୟେଷୁ**
**ପୁତ୍ତିକା ଇବ ପକ୍ଷୀଷୁ ।**
**ତଦ୍ୱିଧାସ୍ତେ ମନୁଷ୍ୟାଣାଂ**
**ଯେଷାଂ ଧର୍ମୋ ନ କାରଣମ୍ ॥**

(ଶାନ୍ତି. ୪୮:୫)

ଧାନରେ ଅଗାଡ଼ି ଯେଉଁଭଳି ଓ ପକ୍ଷଥିବା ଜୀବମାନଙ୍କ ମଧ୍ୟରେ ମାଛି ବା ପତଙ୍ଗର ସ୍ଥିତି ଯେଉଁପରି, ମାନବ ସମାଜରେ ଧର୍ମ ଜୀବନର ଉଦ୍ଦେଶ୍ୟ ନଥିବା ବ୍ୟକ୍ତିର ସ୍ଥିତି ମଧ୍ୟ ସେହିପରି । ଏଣୁ ଧର୍ମ ତ୍ୟାଜ୍ୟ ନୁହେଁ, ଧର୍ମ ନାମରେ ହେଉଥିବା ଭଣ୍ଡାମୀ, ଧର୍ମ ନାମରେ ଚାଲିଥିବା ପ୍ରହସନ, ଫାର୍ସ ତ୍ୟାଜ୍ୟ । ଧର୍ମର ଯଥାର୍ଥ ସ୍ୱରୂପ କଦାପି ବର୍ଜନୀୟ ନୁହେଁ, ବରଂ ଗ୍ରହଣୀୟ ଏବଂ ତା' ସ୍ଥାନରେ ଥିବା ଧର୍ମର ନକଲି ରୂପ ବର୍ଜନୀୟ । ଅତଃ ଶରୀରକୁ ସ୍ୱସ୍ଥ ଓ ବଳବାନ୍ କରିବା ପାଇଁ ଅଖାଦ୍ୟ ପରିବର୍ତ୍ତେ ଉଚିତ ଖାଦ୍ୟ ଖାଇବାକୁ ପରାମର୍ଶ ଦେବା ଓ ଉଚିତ ପୌଷ୍ଟିକ ଖାଦ୍ୟର ବ୍ୟବସ୍ଥା କରିବା ଯେପରି ପ୍ରକୃତ ବିଚାରବନ୍ତର କର୍ତ୍ତବ୍ୟ ସେହିପରି ସମାଜକୁ ସୁଦୃଢ଼ ଓ ସୁସଂହତ କରିବା ନିମନ୍ତେ ଧର୍ମର ଯଥାର୍ଥ ସ୍ୱରୂପ ପ୍ରତି ସଚେତନ କରାଇବା ସହ ତା'ର ସମୁଚିତ ଅନୁଶୀଳନ ପାଇଁ ଜନତାଙ୍କୁ ପଥ-ପ୍ରଦର୍ଶନ କରିବା ପ୍ରକୃତ ସମାଜହିତୈଷୀର ଦାୟିତ୍ୱ । ଧର୍ମକୁ ତ୍ୟାଗ ନ କରିବା ପାଇଁ ଚେତାବନୀ ଦେଇ ମନୁ ମହାରାଜ କହନ୍ତି —

**ଧର୍ମ ଏବ ହତୋ ହନ୍ତି**
**ଧର୍ମୋ ରକ୍ଷତି ରକ୍ଷିତଃ ।**
**ତସ୍ମାଦ୍ଧର୍ମ ନ ହନ୍ତବ୍ୟୋ**
**ମା ନୋ ଧର୍ମୋ ହତୋଽବଧୀତ୍ ॥**

(ମନୁ. ୮:୧୫)

ଯେଉଁ ବ୍ୟକ୍ତି ଧର୍ମକୁ ନାଶ କରେ, ନଷ୍ଟ କରାଯାଇଥିବା ଧର୍ମ ସେହି ବ୍ୟକ୍ତିର ବିନାଶ କରିଦିଏ ଏବଂ ଯିଏ ଧର୍ମକୁ ରକ୍ଷାକରେ, ଧର୍ମ ବି ତାକୁ ରକ୍ଷା କରେ । ଅତଃ, ନଷ୍ଟ କରାଯାଇଥିବା ଧର୍ମ କେବେ ମୋତେ ହିଁ ମାରି ନ ଦେଉ, ଏପରି ଚିନ୍ତନ କରି ଧର୍ମର ହନନ ଅର୍ଥାତ୍ ତ୍ୟାଗ କେବେ ମଧ୍ୟ କରିବା ଅନୁଚିତ ।

ପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ ଧର୍ମର ଯଥାର୍ଥ ସ୍ୱରୂପକୁ ଆମ ଆଗରୁ ଅପସାରିତ କରି ତା' ଜାଗାରେ ଅଧିକାଂଶ ସ୍ଥାନରେ ବିପରୀତ ପଦାର୍ଥ ହିଁ ରଖିଦିଆଯାଇଛି । ଧର୍ମ କୌଣସି ସଂଗଠନ, ସମିତି, ମତ, ପନ୍ଥ କି ସମ୍ପ୍ରଦାୟ ନୁହେଁ । ଧର୍ମ କୌଣସି ଆଶ୍ଚର୍ଯ୍ୟଜନକ ପଦାର୍ଥ ନୁହେଁ କି ପୋଥି ଭିତରେ ବନ୍ଦ କୌଣସି ଗୁପ୍ତ ରହସ୍ୟ ନୁହେଁ । ଧର୍ମ କୌଣସି ବସ୍ତ୍ର ନୁହେଁ ଯେ ଯିଏ ବି ପିନ୍ଧିନେବ ସେ ଧାର୍ମିକ ହୋଇଯିବ । ଧର୍ମ କୌଣସି ଭାଷଣ କି ପ୍ରବଚନ ନୁହେଁ ଯେ ଯିଏ ବି ଭଲ ଭାବରେ ମୁଖସ୍ଥ କରି ବଡ଼ ପାଟିରେ ଅନର୍ଗଳ ଭାବେ କହି ଦେଇ ପାରିଲା କିମ୍ବା ଘଣ୍ଟା-ଘଣ୍ଟା ଧରି ବସି ଶୁଣିଦେଲା ସେ ଧର୍ମାତ୍ମା ହୋଇଗଲା । ଧର୍ମ କୌଣସି ଲେଖା ନୁହେଁ ଯେ ଯିଏ ଯେତେ ବଡ଼ ଆକାରରେ ଲେଖିପାରିଲା, ସିଏ ସେତେ ବଡ଼ ଧାର୍ମିକ । ଧର୍ମାତ୍ମା ସିଏ ନୁହେଁ, ଯିଏ ଉଚ୍ଚ ଆସନରେ ବସିଛି ବା ଯାହାର ହଜାର-ହଜାର ଅନୁଗାମୀ ଅଛନ୍ତି । କେବଳ ତର୍କ-ବିତର୍କରେ କି ବାଦ-ବିବାଦରେ ମାତିବା ଧାର୍ମିକ ହେବାର ଲକ୍ଷଣ ନୁହେଁ । ଧର୍ମ କୌଣସି ବାହ୍ୟ ଭେକ ଉପରେ ଆଧାରିତ ନୁହେଁ ଯେ ଯିଏ ବି ଧାରଣ କରିନେବ ସେ ତୁରନ୍ତ ଧର୍ମାତ୍ମା ପାଲଟିଯିବ । ମହର୍ଷି ମନୁଙ୍କ ଭାଷାରେ — **'ନ ଲିଙ୍ଗଂ ଧର୍ମକାରଣମ୍ ।'** (ମନୁ. *୬:୬୬*) — କେବଳ ବାହ୍ୟ ଚିହ୍ନର

ଧାରଣ, ବାହ୍ୟାଡ଼ମ୍ବର ଧର୍ମକୁ ପ୍ରକାଶିତ କରନ୍ତି ନାହିଁ ।

ବୈଦିକ ସାହିତ୍ୟରେ ଧର୍ମକୁ କ୍ରିୟାତ୍ମକତା ସହ ଯୋଡ଼ାଯାଇଛି । ବ୍ୟଷ୍ଟି ଓ ସମଷ୍ଟିର ସର୍ବାଙ୍ଗୀଣ ବିକାଶ ନିମନ୍ତେ ତୈତ୍ତିରୀୟ ଉପନିଷଦର ଋଷି ଦିଗ୍‌ଦର୍ଶନ ଦେଇଛନ୍ତି— **'ଧର୍ମଂ ଚର ।'** (ତୈତ୍ତି. ଶିକ୍ଷା. ୧୧:୧) — ଧର୍ମାଚରଣ କର । ଅତଃ ଧର୍ମ ଆଚରଣର ବିଷୟ । ଜୈମୀନି ମୁନି ମୀମାଂସା ଦର୍ଶନର ଦ୍ୱିତୀୟ ସୂତ୍ରରେ ଲୋକ-ପରଲୋକର ସୁଖର ସିଦ୍ଧିର ହେତୁ ଗୁଣ ଓ କର୍ମରେ ପ୍ରବୃତ୍ତିର ପ୍ରେରଣାକୁ ଧର୍ମର ଲକ୍ଷଣ ରୂପେ ଅଭିହିତ କରିଛନ୍ତି— **'ଚୋଦନାଲକ୍ଷଣୋଽର୍ଥ ଧର୍ମଃ ।'** ସ୍ମୃତିକାର ମନୁ ଶ୍ରୁତି ଓ ଶ୍ରୁତି-ଅନୁକୂଳ ସ୍ମୃତିରେ କଥିତ ସଦାଚାରକୁ ହିଁ ପରମ ଧର୍ମ ବୋଲି ସ୍ୱୀକାର କରି ଲେଖିଛନ୍ତି — **'ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ ଏବ ଚ ।'**(ମନୁ. ୧:୧୦୪) । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଧର୍ମର ଚାରୋଟି ମୂଳସ୍ରୋତ ବା ଆଧାର ସମ୍ପର୍କରେ ସେ ସୂଚନା ପ୍ରଦାନ କରିଛନ୍ତି—

**ବେଦୋଽଖିଲୋ ଧର୍ମମୂଳଂ**
**ସ୍ମୃତିଶୀଲେ ଚ ତଦ୍ୱିଦାମ୍ ।**
**ଆଚାରଶ୍ଚୈବ ସାଧୂନା-**
**ମାତ୍ମନସ୍ତୁଷ୍ଟିରେବ ଚ ॥**

(ମନୁ. ୧:୧୨୫)

ସକଳ ବେଦ, ବେଦ ପାରଙ୍ଗତ ବିଦ୍ୱାନଙ୍କ ଦ୍ୱାରା ରଚିତ ସ୍ମୃତିଗ୍ରନ୍ଥ ଅର୍ଥାତ୍ ବେଦାନୁକୂଳ ଧର୍ମଶାସ୍ତ୍ର, ସତ୍‌ପୁରୁଷଙ୍କ ସଦାଚାର ତଥା ସ୍ୱ-ଆତ୍ମାର ପ୍ରସନ୍ନତା ଓ ସନ୍ତୁଷ୍ଟିର ଅନୁକୂଳ କର୍ମ ଅର୍ଥାତ୍ ଯେଉଁ କାର୍ଯ୍ୟ ଦ୍ୱାରା ଆତ୍ମାରେ ଭୟ, ଶଙ୍କା ଓ ଲଜ୍ଜା ଉତ୍ପନ୍ନ ହୁଏ ନାହିଁ, ବରଂ ସାତ୍ତ୍ୱିକ ସନ୍ତୋଷ ଓ ପ୍ରସନ୍ନତା ଅନୁଭୂତ ହୁଏ ସେଭଳି କାର୍ଯ୍ୟ—ଏ ଚାରୋଟି ଧର୍ମର ମୂଳସ୍ରୋତ ଅର୍ଥାତ୍ ଉତ୍ପତ୍ତିସ୍ଥାନ ବା ଆଧାର ଅଟନ୍ତି । ଆଚରଣ ଉପରେ ହିଁ ଗୁରୁତ୍ୱ ଆରୋପ କରି ସେ ପୁନଃ ଲେଖିଲେ—

**ବେଦଃ ସ୍ମୃତିଃ ସଦାଚାରଃ**
**ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।**
**ଏତଚ୍ଚତୁର୍ବିଧଂ ପ୍ରାହୁଃ**
**ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ॥**

(ମନୁ. ୧:୧୩୧)

ବେଦ, ବେଦାନୁକୂଳ ଧର୍ମଶାସ୍ତ୍ର, ସତ୍‌ପୁରୁଷଙ୍କ ଆଚରଣ ଓ ସ୍ୱ-ଆତ୍ମାର ଜ୍ଞାନର ଅବିରୁଦ୍ଧ ପ୍ରିୟାଚରଣ— ଏ ଚାରୋଟି ଧର୍ମର ସୁସ୍ପଷ୍ଟ ଲକ୍ଷଣ ଅର୍ଥାତ୍ ଏସବୁ ଦ୍ୱାରା ଧର୍ମ ଲକ୍ଷିତ ହୋଇଥାଏ ।

ମହର୍ଷି ବ୍ୟାସ ଧର୍ମର ସାର୍ବଭୌମ, ସର୍ବସାଧାରଣଙ୍କ ବୋଧଗମ୍ୟ, ସରଳ ପରିଭାଷା ଦେଇଛନ୍ତି—

**ଶ୍ରୂୟତାଂ ଧର୍ମସର୍ବସ୍ୱଂ ଶ୍ରୁତ୍ୱା ଚୈବାବଧାର୍ୟତାମ୍ ।**
**ଆତ୍ମନଃ ପ୍ରତିକୂଲାନି ପରେଷାଂ ନ ସମାଚରେତ୍ ॥**

ଯେପରି ବ୍ୟବହାର ତୁମକୁ କଷ୍ଟ ଦିଏ, ଯେପରି ବ୍ୟବହାର ତୁମେ ଅନ୍ୟଠାରୁ ନିଜ ପାଇଁ ଚାହଁ ନାହିଁ, ସେହିପରି ବ୍ୟବହାର ଅନ୍ୟ ସହ କରନାହିଁ । ଯେଉଭଳି ବ୍ୟବହାର ତୁମକୁ ଆନନ୍ଦ ଦିଏ, ଯେଉଭଳି ବ୍ୟବହାର ଅନ୍ୟମାନେ ତୁମ ସହ କରନ୍ତୁ ବୋଲି ତୁମେ ଇଚ୍ଛା କର, ତୁମେ ବି ଅନ୍ୟମାନଙ୍କ ପ୍ରତି ସେଭଳି ଆନନ୍ଦପ୍ରଦ ବ୍ୟବହାର କର । ଏହା ହିଁ ଧର୍ମର ପ୍ରକୃଷ୍ଟ ସ୍ୱରୂପ । ଏ ବିଷୟରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବିଚାର ମଧ୍ୟ ଉଲ୍ଲେଖନୀୟ— 'ଯାହା ପକ୍ଷପାତରହିତ ନ୍ୟାୟ ଓ ସତ୍ୟର ଗ୍ରହଣ, ଅସତ୍ୟର ସର୍ବଥା ପରିତ୍ୟାଗ ରୂପକ ଆଚାର ଅଟେ ତା'ର ନାମ ଧର୍ମ ଏବଂ ଏହାର ବିପରୀତରେ ଯାହା ପକ୍ଷପାତଯୁକ୍ତ ଅନ୍ୟାୟାଚରଣ, ସତ୍ୟର ତ୍ୟାଗ ଓ ଅସତ୍ୟର ଗ୍ରହଣ ରୂପକ କର୍ମ ତାହାର ନାମ ଅଧର୍ମ '(ସ.ପ୍ର. ତୃତୀୟ ସମୁ) । ସେ ମଧ୍ୟ ଆଚରଣ ଉପରେ ହିଁ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ସଦାଚାରର ପାଳନ କିପରି ସର୍ବୋତ୍ତମ ରୂପେ କରାଯାଇପାରିବ ? ସେଥିପାଇଁ ମହର୍ଷି ମନୁ ଦଶଟି ନିୟମ ସମ୍ବଳିତ ଏକ ଅମୂଲ୍ୟ ଜୀବନ-ପଦ୍ଧତିର ଦିଗ୍‌ଦର୍ଶନ ଦେଇଛନ୍ତି । ସେ ଲେଖିଛନ୍ତି—

**ଧୃତିଃ କ୍ଷମା ଦମୋଽସ୍ତେୟଂ**
**ଶୌଚମିନ୍ଦ୍ରିୟନିଗ୍ରହଃ ।**
**ଧୀର୍ବିଦ୍ୟା ସତ୍ୟମକ୍ରୋଧୋ**
**ଦଶକଂ ଧର୍ମଲକ୍ଷଣମ୍ ॥**

(ମନୁ. ୬:୯୨)

୧. **ଧୃତି** – ସୁଖ-ଦୁଃଖ, ହାନି-ଲାଭ, ସଫଳତା-ବିଫଳତାରେ ଅସ୍ଥିର ନ ହୋଇ ଧୈର୍ଯ୍ୟ ଧାରଣ କରିବା ।

୨. **କ୍ଷମା** – ନିନ୍ଦା-ସ୍ତୁତି, ମାନ-ଅପମାନକୁ ସହନ କରି ସ୍ୱଲକ୍ଷ୍ୟରେ ଅଟଳ ରହିବା ।

୩. **ଦମ** – ମନକୁ ଅସତ୍ କର୍ମରୁ, ବିଷୟ-ଭୋଗରୁ ନିବୃତ୍ତ କରି ସତ୍‌କର୍ମରେ ପ୍ରବୃତ୍ତ କରିବା ।

୪. **ଅସ୍ତେୟ** – କାୟମନୋବାକ୍ୟରେ ଅନ୍ୟାୟ, ଛଳକପଟ, ବିଶ୍ୱାସଘାତକତା ଆଦି ଦ୍ୱାରା ଅନ୍ୟର ପଦାର୍ଥ ପ୍ରାପ୍ତ ନ କରିବା ।

୫. **ଶୌଚ** – ରାଗ, ଦ୍ୱେଷ, ପକ୍ଷପାତାଦି ତ୍ୟାଗ ଦ୍ୱାରା ଅନ୍ତଃକରଣ ଏବଂ ଜଳାଦି ଦ୍ୱାରା ଶରୀରକୁ ଶୁଦ୍ଧ ରଖିବା ।

୬. **ଇନ୍ଦ୍ରିୟନିଗ୍ରହ** – ଇନ୍ଦ୍ରିୟଗୁଡ଼ିକୁ ବିଷୟ-ଭୋଗରେ ଲିପ୍ତ ନ କରି ଆତ୍ମୋନ୍ନତିରେ ନିୟୋଜିତ କରିବା ।

୭. **ଧୀ** – ମାଦକଦ୍ରବ୍ୟ ଓ ଅନ୍ୟ ବୁଦ୍ଧିନାଶକ ପଦାର୍ଥ ସେବନ, କୁସଙ୍ଗ, ଆଳସ୍ୟ, ପ୍ରମାଦ ଆଦି ତ୍ୟାଗ କରି ଉତ୍ତମ ବୁଦ୍ଧିବର୍ଦ୍ଧକ ପଦାର୍ଥର ସେବନ, ସତ୍‌ସଙ୍ଗ, ଯୋଗାଭ୍ୟାସ ଇତ୍ୟାଦି ଦ୍ୱାରା ବୁଦ୍ଧି ବୃଦ୍ଧି କରିବା ।

୮. **ବିଦ୍ୟା** – ପୃଥିବୀରୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ପଦାର୍ଥ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଅର୍ଜନ କରି ତଦ୍ଦ୍ୱାରା ନିଜର ତଥା ଅନ୍ୟର ଯଥାଯୋଗ୍ୟ ଉପକାର କରିବା ।

୯. **ସତ୍ୟ** – ଯେଉଁ ପଦାର୍ଥ ଯେଉଁଭଳି ଅଛି ତାକୁ ସେଭଳି ହିଁ ଜାଣିବା, ସେପରି ହିଁ କହିବା ଓ ତଦନୁରୂପ ବ୍ୟବହାର କରିବା, ଜ୍ଞାନ ଆଧାରରେ ମନ-ବଚନ-କର୍ମରେ ଏକରୂପତା ରକ୍ଷା କରିବା ।

୧୦. **ଅକ୍ରୋଧ** – ମନ ଓ ଶରୀରକୁ ଅଯଥା ଉତ୍ତେଜିତ ନ କରି ଶାନ୍ତ୍ୟାଦି ଗୁଣ ଧାରଣ କରିବା ।

ଏ ଦଶଟି ଧର୍ମର ଲକ୍ଷଣ ଅଟନ୍ତି । ଅତଃ ଧର୍ମ ସମସ୍ତ ମାନବୀୟ ଗୁଣଗୁଡ଼ିକର ସମାହାର ।

ସୂର୍ଯ୍ୟ ଉଦୟ ହୋଇଛନ୍ତି କି ନାହିଁ ଏକଥା କାହାରିକୁ କହି ଜଣାଇବାକୁ ପଡ଼େନାହିଁ । ଆଲୋକ ଓ ଉଷ୍ଣତା ସ୍ୱୟଂ ହିଁ ଏହି ତଥ୍ୟର ପରିଚୟ ଦିଅନ୍ତି ଯେ ସୂର୍ଯ୍ୟୋଦୟ ହୋଇଯାଇଛି । ସୁନ୍ଦର, ସୁଗନ୍ଧିତ ଫୁଲଟିଏ ଫୁଟିଲେ ତାକୁ ବିଜ୍ଞାପନ ଦେବାର ଆବଶ୍ୟକତା ପଡ଼େନାହିଁ ଯେ ମୁଁ ଫୁଟିଛି । ସେହିଭଳି ଯଦି କୌଣସି ମନୁଷ୍ୟ ଧର୍ମାତ୍ମା, ତେବେ ତାହାର ପରିଚୟ ଏହା କହି ଦେବା ଅନାବଶ୍ୟକ ଯେ ଉକ୍ତ ବ୍ୟକ୍ତି ଏଇଥିପାଇଁ ଧାର୍ମିକ କାରଣ ସେ ଦିନକୁ ଶହେ ମାଳା ଗଡ଼ାନ୍ତି କି ହଜାରେ ନାମ ଜପ କରନ୍ତି, ଜୀବନରେ ସେ ଅନେକ ବଡ଼-ବଡ଼ ଯଜ୍ଞରେ ଭାଗ ନେଇଛନ୍ତି ବା ତାଙ୍କ ଘରେ ଧର୍ମ ପୁସ୍ତକର ବିରାଟ ଭଣ୍ଡାର ଅଛି, ଅନେକ ବିଖ୍ୟାତ ସନ୍ଥଙ୍କୁ ସେ ଦର୍ଶନ କରିଛନ୍ତି ବା ଅନେକ ଧର୍ମ ସଂସ୍ଥାକୁ ସେ ଜାଣିଛନ୍ତି ତଥା ସେସବୁର ନାମ ତାଙ୍କ ଜିଭ ଅଗରେ ଅଛି ଇତ୍ୟାଦି । କୌଣସି ବ୍ୟକ୍ତି ଯେ ଧର୍ମାତ୍ମା ଏହା ତାଙ୍କ ଜୀବନରେ ଧର୍ମର ଅନ୍ତର୍ଗତ ମାନବୀୟ ଗୁଣଗୁଡ଼ିକର ସମାବେଶରୁ ଜଣାଯାଏ । ଯେଉଁ ବ୍ୟକ୍ତିର ଜୀବନରେ ଧର୍ମର ଉପରୋକ୍ତ ଗୁଣଗୁଡ଼ିକ ଯେତେ ଅଧିକ ସ୍ଥାନ ପାଇଛନ୍ତି, ଯେଉଁ ବ୍ୟକ୍ତି ଧର୍ମ ଉପରେ ଯେତିକି ଆଚରଣଶୀଳ, ସେ ସେତିକି ପରିମାଣରେ ଧାର୍ମିକ । ବ୍ୟକ୍ତିଗତ ଜୀବନକୁ ସମୁନ୍ନତ କରି ପ୍ରାଣୀମାତ୍ରକେ ପ୍ରତ୍ୟେକଙ୍କୁ ସୁଖ-ଶାନ୍ତି ପହୁଞ୍ଚାଇବା ପାଇଁ ଯିଏ କଟିବଦ୍ଧ, ସିଏ ହିଁ ଧର୍ମାତ୍ମା । ଯିଏ ଇହଲୋକ ଓ ପରଲୋକକୁ କଲ୍ୟାଣମୟ କରିବାରେ ଜୀବନ ଅତିବାହିତ କରୁଛନ୍ତି, ସେ ହିଁ ଧାର୍ମିକ ବ୍ୟକ୍ତି । ଯଦି ଆମେ ଜାଣିବାକୁ ଚାହୁଁଛେ ଯେ ଆମେ ଧାର୍ମିକ କି

ନୋହୁଁ ତେବେ ଆମେ ଉପରୋକ୍ତ କଷଟିରେ ନିଜକୁ ପରୀକ୍ଷା କରି ଜାଣିପାରିବା । ଯଦି ଆମର ଚିନ୍ତନ, କଥନ ଓ ଆଚରଣ ଆମ ଚତୁର୍ପାର୍ଶ୍ୱରେ ରହୁଥିବା ତଥା ଆମ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ସୁଖ, ଶାନ୍ତି, ଆନନ୍ଦ, ନିର୍ଭୟତା ଆଦି ଦେଇପାରୁଛି, ତେବେ ଯାଇ ଆମେ ଧାର୍ମିକ । ନଚେତ୍ ଆମେ ଧାର୍ମିକ ନୋହୁଁ ଏବଂ ଆତ୍ମସମୀକ୍ଷା ପୂର୍ବକ ଆମକୁ ଆମ ଜୀବନଶୈଳୀରେ ସମୁଚିତ ପରିବର୍ତ୍ତନ ଆଣିବାକୁ ହେବ ।

ଉପରୋକ୍ତ ବିବେଚନାରୁ ଏହା ସୁସ୍ପଷ୍ଟ ହେଲା ଯେ ଧର୍ମ ଏକ ନିୟମ, ଏକ ବ୍ୟବସ୍ଥା, ଜୀବନଯାପନ କରିବାର ଏକ ଆଦର୍ଶ ଶୈଳୀ, ସୁଖ-ଶାନ୍ତିରେ ବଞ୍ଚିବାର ଅତ୍ୟୁତ୍ତମ କଳା । ନିଜେ ସୁଖରେ ରହିବା ସାଙ୍ଗକୁ ଅନ୍ୟକୁ ମଧ୍ୟ ସୁଖ-ଶାନ୍ତିରେ ରହିବାରେ ସହଯୋଗ କରିବା ହିଁ ଧର୍ମର ମୌଳିକ ଆଚାର-ସଂହିତା । ଧାର୍ମିକ ଗୁଣଗୁଡ଼ିକ ଦ୍ୱାରା ଆମେ ଧୀରେଧୀରେ ନୈତିକତାପୂର୍ଣ୍ଣ ଜୀବନ ଆଡ଼କୁ ଅଗ୍ରସର ହେଉ, ଦୁଷ୍କର୍ମରୁ ଦୂରେଇ ଯାଇ ସତ୍‌କର୍ମ ପାଇଁ ପ୍ରେରିତ ହେଉ । ତଦ୍ୱାରା ସରସ-ସୁନ୍ଦର ଜୀବନର ନିର୍ମାଣ ହୁଏ । ବ୍ୟଷ୍ଟିର ଉନ୍ନତି ସହ ସମୂହର କଲ୍ୟାଣ ସାଧନ ଆମର ଧ୍ୟେୟ ହୋଇଯାଏ । ଆମକୁ ଏହି ଲକ୍ଷ୍ୟରେ ଅଗ୍ରସର କରାଇବା ପାଇଁ ହିଁ ଧର୍ମର ସମସ୍ତ ସାଧନ ଓ କ୍ରିୟାକଳାପର ବ୍ୟବସ୍ଥା କରାଯାଇଥାଏ । ଆମେ ସେଗୁଡ଼ିକୁ ଆମ ଜୀବନରେ ଧାରଣ କଲେ ଯାଇ ଧର୍ମ ବ୍ୟାବହାରିକ ଜୀବନର ଅଙ୍ଗ ହେବ ଏବଂ ଆମେ ଯଥାର୍ଥରେ ଧାର୍ମିକ ହୋଇ ଉତ୍ତମ ମନୁଷ୍ୟ ହେବା ଦିଗରେ ଅଗ୍ରସର ହୋଇପାରିବା ।

ମନୁଷ୍ୟ ଏକ ବିଚାରଶୀଳ ପ୍ରାଣୀ । ମହର୍ଷି ଯାସ୍କଙ୍କ ଏହି ଉକ୍ତି —**'ମନୁଷ୍ୟାଃ କସ୍ମାତ୍ ? ମତ୍ୱା କର୍ମାଣି ସୀବ୍ୟନ୍ତି'** (ନିରୁକ୍ତ. ୩:୭) — ମନନ ଆଧାରରେ କର୍ମ କରିବା ବିଷୟକୁ ପ୍ରତିପାଦନ କରୁଛି । ଏଣୁ କୌଣସି ବିଷୟରେ ଆଚରଣ କରିବା ପୂର୍ବରୁ ସେ ସମ୍ବନ୍ଧରେ ତର୍କ-ବିତର୍କ ପୂର୍ବକ ସ୍ଥିର ନିଶ୍ଚିତ ହେବା ଆବଶ୍ୟକ ଯେ ଆମେ ଯାହା କରିବାକୁ ଯାଉଛେ ତାହା ବାସ୍ତବରେ ଧର୍ମ ନା ନାହିଁ । ଅନ୍ୟଥା ଧର୍ମ ପରିବର୍ତ୍ତେ ଅଧର୍ମର ଆଚରଣ କରିବା ହିଁ ସାର ହେବ । ମହର୍ଷି ମନୁ ମଧ୍ୟ ଏ ବିଷୟରେ ସ୍ପଷ୍ଟ ଘୋଷଣା କରିଛନ୍ତି — **'ଯସ୍ତର୍କେଣାନୁସନ୍ଧତ୍ତେ ସ ଧର୍ମଂ ବେଦ ନେତରଃ'** (ମନୁ. ୧୨:୧୦୬) — ଯେଉଁ ବ୍ୟକ୍ତି ବେଦଶାସ୍ତ୍ରାନୁକୂଳ ତର୍କ ଦ୍ୱାରା ଅନୁସନ୍ଧାନ କରେ ସେ ହିଁ ଧର୍ମର ବାସ୍ତବିକ ସ୍ୱରୂପକୁ ହୃଦୟଙ୍ଗମ କରିପାରେ, ଅନ୍ୟ ବ୍ୟକ୍ତି ନୁହେଁ । ଏଣୁ ତର୍କ ରୂପକୁ କୁଲାରେ ପାଛୁଡ଼ି ଧର୍ମ ଓ ଅଧର୍ମକୁ ଅଲଗା କରିବା ଜରୁରୀ ।

ମନୁଷ୍ୟର ଧର୍ମ ଏକ । ମନୁଷ୍ୟର ସୃଷ୍ଟି ଆରମ୍ଭରୁ ଏହା ବିଦ୍ୟମାନ ଥିବାରୁ ଓ ଅପରିବର୍ତ୍ତନୀୟ ହୋଇଥିବାରୁ ଏହାକୁ ସନାତନ ଧର୍ମ କହନ୍ତି । ଈଶ୍ୱର ସୃଷ୍ଟି ଆରମ୍ଭରେ ବେଦ ମାଧ୍ୟମରେ ଏହାର ଜ୍ଞାନ ଦେଇଥିବାରୁ ଏହାକୁ ବୈଦିକ ଧର୍ମ କୁହାଯାଏ ।

❖❖❖

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ....

ଅନେକ ଦେଶ । ଏ ତ ଗଲା କେବଳ ସ୍ଥଳଭାଗ କଥା । ପୃଥିବୀର ଜଳଭାଗ ତ ସ୍ଥଳଭାଗର ପ୍ରାୟ ତିନି ଗୁଣ । କେବଳ ପୃଥିବୀରେ ଜଳଭାଗ-ସ୍ଥଳଭାଗ ଏପରି ଅଛି । ଆମ ପୃଥିବୀ ଯେଉଁ ସୌର ପରିବାରର ସଦସ୍ୟ ସେଇଠି ପୃଥିବୀଠୁ ଅନେକ ଗୁଣ ବଡ଼-ବଡ଼ ଆକାଶୀୟ ପିଣ୍ଡ ବି ଅଛନ୍ତି । ପୃଥିବୀଠୁ ଛୋଟ ବି ଅନେକ ଗ୍ରହ, ଉପଗ୍ରହ, ଗ୍ରହାଣୁପୁଞ୍ଜ ଅଛନ୍ତି । ଗୋଟିଏ ନୀହାରିକା ଭିତରେ କୋଟି-କୋଟି ସୂର୍ଯ୍ୟ ଭଳି ଓ ସୂର୍ଯ୍ୟଠୁ ବହୁ ଗୁଣ ବଡ଼ ଜ୍ୟୋତିଷ୍କ ନିଜ ପରିବାର ସହ ଅଛନ୍ତି । ନୀହାରିକା, ଛାୟାପଥ, ଆକାଶଗଙ୍ଗାରେ ପୂର୍ଣ୍ଣ ଅନନ୍ତ ଏ ବ୍ରହ୍ମାଣ୍ଡ । ଏହାକୁ କୁହାଯାଏ ଜଗତୀ – 'ତଦିଦଂ ସର୍ବଂ ଜଗଦସ୍ୟାଂ ତେନେୟଂ ଜଗତୀ'(ଶତ.୧:୮:୨:୧୧) । (କ୍ରମଶଃ...)

# ଅଭିବାଦନ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ରଶ୍ନ ୧** — ଆମ ପ୍ରାଚୀନ ସଂସ୍କୃତିରେ ବାସ୍ତବରେ ଅଭିବାଦନ କରିବାର ପଦ୍ଧତି କ'ଣ ଓ ସେପରି କରିବାର ତାତ୍ପର୍ଯ୍ୟ କ'ଣ? ସରଳ ଭାଷାରେ କହିଲେ- ଆମେ ଅଭିବାଦନ କ'ଣ ପାଇଁ କରିବା ଓ କେମିତି କରିବା ?

**ଉତ୍ତର** — ଆମ ସଂସ୍କୃତିରେ ଅଭିବାଦନ କରିବା ପଦ୍ଧତିକୁ ପ୍ରାୟତଃ ୩ଟି ଭାଗରେ ବିବେଚନା କରି ଦେଖାଯାଇଛି ।
କ. ପ୍ରଥମ ଭାଗରେ ଆସୁଛନ୍ତି - ମାତା, ପିତା ଓ ଆଚାର୍ଯ୍ୟ (ଗୁରୁ) । ଏମାନଙ୍କୁ ଅଭିବାଦନ କରିବା ପାଇଁ ସେମାନଙ୍କ ପାଦ ତଳେ ଆମେ ମୁଣ୍ଡ ନୁଆଁଇବା- ଏକଥା କୁହାଯାଇଛି । ମନୁସ୍ମୃତିରେ କୁହାଯାଇଛି ଆଚାର୍ଯ୍ୟଙ୍କୁ ଶିଷ୍ୟ କେମିତି ପ୍ରଣାମ କରିବ ସେ କଥା —

**ସବ୍ୟେନ ସବ୍ୟଃ ସ୍ପ୍ରଷ୍ଟବ୍ୟୋ ଦକ୍ଷିଣେନ ଚ ଦକ୍ଷିଣଃ ।**

(ମନୁ.୨:୭୨)

ଅର୍ଥାତ୍- ଶିଷ୍ୟ ଗୁରୁଙ୍କର ପାଦକୁ ଏଭଳି ଭାବରେ, ବାମ ହାତରେ ବାମ ପାଦ ଓ ଡାହାଣ ହାତରେ ଡାହାଣ ପାଦ ସ୍ପର୍ଶ କରି, ପ୍ରଣାମ କରିବେ ।

ଖ. ଦ୍ୱିତୀୟରେ ସାଧାରଣ ଭାବେ ଗୁରୁଜନ, ଲଘୁଜନ, ନିର୍ବିଶେଷରେ ଅନ୍ୟ ସମସ୍ତଙ୍କୁ ଆମେ କେମିତି ଅଭିବାଦନ କରିବା ? ତା' ପାଇଁ ଆମ ସଂସ୍କୃତିରେ କୁହାଯାଇଛି ଯେ, ହାତ ଯୋଡ଼ି ହୃଦୟ ପାଖରେ ରଖି, ମୁଣ୍ଡକୁ ନୁଆଁଇଲେ - ଏଭଳି ଭାବରେ ଅଭିବାଦନ କରିବା ।

ଗ. ତୃତୀୟ କଥା କୁହାଯାଇଛି- ପତି-ପତ୍ନୀ ଭିତରେ ଅଭିବାଦନ। ପତ୍ନୀ, ପତିଙ୍କ ଚରଣ ସ୍ପର୍ଶ କରି ଅଭିବାଦନ କରିବେ; କିନ୍ତୁ ପତି ପତ୍ନୀଙ୍କ ଚରଣ ସ୍ପର୍ଶ ନ କରି ହାତ ଯୋଡ଼ି ଉତ୍ତର ଦେବେ। ପତି-ପତ୍ନୀଙ୍କ ବୟସର ତାରତମ୍ୟ ଯୋଗୁଁ ଏପରି ବ୍ୟବସ୍ଥା କରାଯାଇଛି ।

**ଏପରି କରିବାର ତାତ୍ପର୍ଯ୍ୟ କ'ଣ ?**

ସାଧାରଣତଃ କୌଣସି ବି କର୍ମର ସଫଳତା ପାଇଁ ତିନୋଟି ବସ୍ତୁ ଆବଶ୍ୟକ — ୧. ଜ୍ଞାନ, ୨. କର୍ମ ଓ ୩. ଭକ୍ତି । ଏ ତିନୋଟିର ସମ୍ମିଶ୍ରଣରେ କାର୍ଯ୍ୟରେ ସଫଳତା ମିଳେ । ଜ୍ଞାନ ମସ୍ତିଷ୍କରେ ଥାଏ । ମସ୍ତକ ହେଉଛି ଜ୍ଞାନର ପ୍ରତୀକ । କର୍ମ ଆମେ ମୁଖ୍ୟତଃ ହାତ ଦ୍ୱାରା କରୁ । ତେଣୁ ଏହାକୁ 'କର' ବୋଲି ମଧ୍ୟ କୁହାଯାଏ । ହାତ ହେଲା କର୍ମର ପ୍ରତୀକ । ଭକ୍ତି ମଣିଷର ହୃଦୟରେ ଥାଏ । ଏଣୁ ଆମେ ଯେତେବେଳେ ହୃଦୟ ପାଖରେ ହାତଯୋଡ଼ି ମୁଣ୍ଡ ନୁଆଁଉଛେ, ତଦ୍ଦ୍ୱାରା ଯିଏ ଆମ ସାମ୍ନାରେ ଅଛନ୍ତି ତାଙ୍କୁ ଆମେ କ୍ରିୟାତ୍ମକ ଅଭିବ୍ୟକ୍ତ କରୁଛୁ- "ମୁଁ ଜ୍ଞାନପୂର୍ବକ, ଶ୍ରଦ୍ଧା ସହକାରେ, ପୂର୍ଣ୍ଣ ସାମର୍ଥ୍ୟ ବିନିଯୋଗ ପୂର୍ବକ ଆପଣଙ୍କୁ ସ୍ୱାଗତ-ସତ୍କାର କରୁଛି, ଆପଣଙ୍କୁ ଅଭିବାଦନ ଜଣାଉଛି ।

**ପ୍ରଶ୍ନ ୨**— ସମାଜରେ ଯେତେ ଗୋଷ୍ଠୀ ପ୍ରାୟ ସେତେ ପ୍ରକାର ଅଭିବାଦନ ଶବ୍ଦ ଶୁଣିବାକୁ ପାଇଥାଉ । ଯେମିତି କି ରାମରାମ, ରାଧେ ରାଧେ, ଓମ୍, ହରିଓମ୍, ସାଇରାମ, ଜୟ ଶ୍ରୀରାମ, ଜୟ ଜଗନ୍ନାଥ, ଜୟଗୁରୁ ଆଦି। ଏ ସମସ୍ତ ଶବ୍ଦର ଅର୍ଥ କ'ଣ ସମାନ ଅର୍ଥାତ୍ ଏ ସବୁ କ'ଣ ଅଭିବାଦନକୁ ବୁଝାଏ ?

**ଉତ୍ତର** — ଏହି ଶବ୍ଦଗୁଡ଼ିକ ଉପରେ ଯଦି ଆମେ ବିଚାର କରିବା, ତେବେ ଜାଣିପାରିବା ଯେ, ଏଥିରେ ଅନେକ ପ୍ରକାର ବର୍ଗର ଶବ୍ଦ ଅଛି । ଯଥା —

କ. ରାମ ରାମ - ରାମ ଜଣଙ୍କର ନାମ । ଆମେ ଜଣକୁ ଡାକିଲା ବେଳକୁ ତାଙ୍କ ନାଁ ଧରି ଡାକୁ ଏବଂ ତାଙ୍କୁ ମନେ ପକାଇବା ବେଳେ ବି ସେଇ ନାମରେ କହୁ । ତେଣୁ

'ରାମରାମ' କହିବା ଅର୍ଥ ହେଉଛି- ରାମଙ୍କର ନାମ ସ୍ମରଣ କରିବା ଅଥବା ରାମଙ୍କୁ ସମ୍ବୋଧନ କରିବା। ଏ ଦୁଇଟି ଯାକ କ୍ଷେତ୍ରକୁ ଆମେ ନେଇପାରିବା ।

ଖ. ରାଧେ ରାଧେ – ସଂସ୍କୃତ ଭାଷାରେ 'ଆ' କାରାନ୍ତ ସ୍ତ୍ରୀ ଲିଙ୍ଗ ଶବ୍ଦ; ଯଥା – ବାଳିକା, ଲତାର ସମ୍ବୋଧନରେ ବାଳିକେ, ଲତେ ହୁଏ। ସେମିତି 'ରାଧା' ଶବ୍ଦର ସମ୍ବୋଧନରେ ହୁଏ 'ରାଧେ' । 'ରାଧେ ରାଧେ' କହିବା ଅର୍ଥ ରାଧାଙ୍କୁ ସମ୍ବୋଧନ କରାହେଉଛି ।

ଗ. ଓମ୍ – **'ଅବତି ଇତି ଓମ୍'** — 'ଓମ୍' ଶବ୍ଦର ଅର୍ଥ ହେଉଛି ରକ୍ଷକ। ଈଶ୍ୱରଙ୍କର ଗୁଣ, କର୍ମ, ସ୍ୱଭାବ ଅନୁସାରେ ଯେଉଁ ଅସଂଖ୍ୟ ନାମ ଅଛି, ଯଥା — ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, ସରସ୍ୱତୀ ଇତ୍ୟାଦି । ସେଥିରୁ ମୁଖ୍ୟ ନାମ ହେଉଛି 'ଓମ୍' । 'ଓମ୍' ଶବ୍ଦର ଅର୍ଥ ହେଲା ଈଶ୍ୱର ସର୍ବରକ୍ଷକ ଅଟନ୍ତି । ତେଣୁ 'ଓମ୍' କହିବାର ଅର୍ଥ ହେଉଛି ଈଶ୍ୱରଙ୍କୁ ସ୍ମରଣ କରିବା, 'ଈଶ୍ୱର ସର୍ବରକ୍ଷକ' ବୋଲି କହିବା।

ଘ. ହରି ଓମ୍ – **'ହରତି ଇତି ହରିଃ'**— ହରି ଶବ୍ଦର ଅର୍ଥ ହେଲା ଯିଏ ହରଣକାରୀ, ଦୁଃଖକୁ ହରଣ କରନ୍ତି । ସମସ୍ତଙ୍କ ଦୁଃଖ କିଏ ହରଣ କରନ୍ତି ?– 'ଓମ୍'। 'ହରିଓମ୍' ଶବ୍ଦର ଅର୍ଥ ହେଲା– ସର୍ବରକ୍ଷକ ଈଶ୍ୱର 'ଓମ୍' ସମସ୍ତଙ୍କ ଦୁଃଖହାରୀ ଅଟନ୍ତି ।

ଙ. ଜୟ ଶ୍ରୀରାମ, ଜୟ ଗୁରୁ, ଜୟ ଜଗନ୍ନାଥ – ଏସବୁ ଆଉ ଗୋଟିଏ ବର୍ଗର ଶବ୍ଦ । ଆମେ ଛୋଟ ଥିବା ବେଳେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସରେ ବିଦ୍ୟାଳୟରୁ ପ୍ରଭାତଫେରି ବାହାରୁଥିଲା। ଆମେ ସବୁ ଜୟଘୋଷ ଦେଉଥିଲୁ – ଭାରତ ମାତା କୀ – ଜୟ, ମହାତ୍ମା ଗାନ୍ଧି କୀ – ଜୟ, ନେତାଜୀ ସୁବାଷ ବୋଷ କୀ – ଜୟ ଇତ୍ୟାଦି।

'ମହାତ୍ମା ଗାନ୍ଧି କୀ – ଜୟ' କହିବା ଗୋଟିଏ ବଡ଼ ବାକ୍ୟ । 'ଗାନ୍ଧି କୀ – ଜୟ'– ଇଏ ଗୋଟିଏ ଛୋଟ ବାକ୍ୟ । ତାକୁ ଆମେ ଯଦି 'ଜୟ ଗାନ୍ଧି' କହିବା ସିଏ ଆଉ ଗୋଟିଏ ଶୈଳୀ ହେବ । 'ଜୟ' ଶବ୍ଦଟି ସବୁଥିରେ ରହୁଛି। ସେମିତି ଆମେ ଯଦି ଦେଖିବା ଆଉ ଗୋଟିଏ ନାରା – 'ଜୟ ଜବାନ୍ ଜୟ କିଷାନ୍' । ଏହାର ଅର୍ଥ କ'ଣ ? – ସୈନିକର ଜୟ ହେଉ ଏବଂ କୃଷକର ଜୟ ହେଉ, କୃଷି ସଂସ୍କୃତିର ଜୟ ହେଉ । ସେମିତି 'ଜୟ ଶ୍ରୀରାମ' ମାନେ ଶ୍ରୀରାମଙ୍କର ଜୟ ହେଉ, 'ଜୟ ଗୁରୁ' କହିଲେ ଗୁରୁଙ୍କର ଜୟ ହେଉ। 'ଜୟ ଜଗନ୍ନାଥ' କହିଲେ ଜଗନ୍ନାଥଙ୍କର ଜୟ ହେଉ । କିନ୍ତୁ ଏ ସବୁ ଯାକ ଭିତରେ କୌଣସି ସ୍ଥାନରେ ବି ଯେଉଁ ଦୁଇ ଜଣ ମିଶିଲେ ସେମାନେ ପରସ୍ପରକୁ ଅଭିବାଦନ କରିବାର ଅର୍ଥ ପରିସ୍ଫୁଟ ହେଉନାହିଁ ।

ଯେତେ ସବୁ ଶବ୍ଦ ଉଲ୍ଲେଖ କରାଯାଇଛି ଏଥିରୁ ଗୋଟିଏ ବର୍ଗର ଅର୍ଥ ହେଉଛି ଈଶ୍ୱରଙ୍କୁ ସ୍ମରଣ କରିବା (ଓମ୍, ହରିଓମ୍ ଆଦି), ଆଉ ଗୋଟିଏ ହେଲା ବ୍ୟକ୍ତିଙ୍କୁ ସମ୍ବୋଧନ କରିବା (ରାଧେରାଧେ, ରାମ ରାମ), ଅନ୍ୟଟି ହେଲା ଜୟଘୋଷ ଦେବା (ଜୟଗୁରୁ, ଜୟ ଶ୍ରୀରାମ, ଜୟ ଜଗନ୍ନାଥ ଆଦି)।

**ପ୍ରଶ୍ନ ୩** — ତା'ହେଲେ ବେଦ ଆଧାରରେ ଅଭିବାଦନ ଶବ୍ଦ କ'ଣ ?

**ଉତ୍ତର** — ବେଦ ଆଧାରରେ ଅଭିବାଦନ ପାଇଁ ଯେଉଁ ଗୋଟିଏ ଶବ୍ଦ ପ୍ରୟୋଗ ହୁଏ, ତାହା ହେଲା 'ନମସ୍ତେ'। ତାହା ଉଭୟ ବ୍ୟକ୍ତି ପାଇଁ ଓ ଈଶ୍ୱରଙ୍କ ପାଇଁ । ସବୁଜାଗାରେ 'ନମସ୍ତେ' ଅଭିବାଦନ ପାଇଁ ଉତ୍କୃଷ୍ଟ ଶବ୍ଦ ।

**ପ୍ରଶ୍ନ ୪** — ସ୍ୱାମୀଜୀ ! 'ନମସ୍ତେ' ଶବ୍ଦଟି ଶୁଣିବାକୁ ହିନ୍ଦୀ ଭାଷାର ଶବ୍ଦ ଭଳି ଲାଗୁଛି, ଯାହାକି ଆମେ ଦୂରଦର୍ଶନ ଆଦିରେ ଦେଖୁଛୁ, ଶୁଣୁଛୁ । ଓଡ଼ିଆରେ ଆମେ ଅଭିବାଦନ ପାଇଁ କ'ଣ ଶବ୍ଦ କହିବା ?

**ଉତ୍ତର** — ବାସ୍ତବରେ 'ନମସ୍ତେ' ମୂଳତଃ ହିନ୍ଦୀ ଶବ୍ଦ ନୁହେଁ । 'ନମସ୍ତେ' ମୂଳତଃ ସଂସ୍କୃତ ଶବ୍ଦ । ଏହା ଏକ ସର୍ବସୀକୃତ ସତ୍ୟ ଯେ ଆଜି ଭାରତରେ ଯେତିକି ଭାଷା ଅଛି ସଂସ୍କୃତ ଭାଷା ହେଉଛି ସମସ୍ତ ଭାଷାର ଜନନୀ ଏବଂ ସଂସ୍କୃତର ଶବ୍ଦଗୁଡ଼ିକ ସବୁ ଭାଷା ଭିତରକୁ ଯାଇଛି। କେଉଁଠି

ଅବିକଳ ଭାବରେ ଯାଇଛି ତ ଆଉ କେଉଁଠି କିଛି ପରିବର୍ତ୍ତନ ସହ ଯାଇଛି । ଯେମିତିକି 'ସତ୍ୟ' ଗୋଟିଏ ଶବ୍ଦ । 'ସତ୍ୟ' ଶବ୍ଦ ଓଡ଼ିଆ ଭାଷାରେ 'ସତ୍ୟ' ଆକାରରେ ରହିଛି, 'ସତ' ଆକାରରେ ବି ରହିଛି । ସେମିତି 'ନମସ୍ତେ' ଶବ୍ଦ ଓଡ଼ିଆ ଭାଷାରେ ମଧ୍ୟ ରହିଛି । ମୁଁ ପିଲା ବେଳେ ଗ୍ରାମୋଫୋନ୍ ଯୋଗେ ଗୋଟିଏ ଭଜନ ଶୁଣିଥିଲି, ସମ୍ଭବତଃ ପ୍ରଫୁଲ୍ଲ କରଙ୍କ ଭଜନ -

ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ ।
ନମସ୍ତେ ପ୍ରଭୁ ବାସୁଦେବ, ଭକତଜନଙ୍କ ବାନ୍ଧବ ।

ଓଡ଼ିଆରେ ମଧ୍ୟ 'ନମସ୍ତେ' ଶବ୍ଦର ବ୍ୟବହାର ପ୍ରଚୁର ଭାବରେ ଅଛି । ପ୍ରାଚୀନ ଗ୍ରନ୍ଥ ଏମିତିକି ସାଧାରଣ ବ୍ୟକ୍ତିମାନେ ବ୍ୟବହାର କରୁଥିବା ଗୀତ, ଭଜନ, ଜଣାଣ, ପୁରାଣ, କାବ୍ୟ, କବିତାଗୁଡ଼ିକରେ ଅଛି । ମାଣବସା ଗୁରୁବାର ଦିନ ପଢ଼ାଯାଉଥିବା ଲକ୍ଷ୍ମୀ ସ୍ତୁତିରେ ଅଛି -

ନମସ୍ତେ କମଳା ମାଗୋ ସାଗର ଦୁଲଣୀ ।
ନମସ୍ତେ ନମସ୍ତେ ଲକ୍ଷ୍ମୀ ବିଷ୍ଣୁଙ୍କ ଘରଣୀ ॥

ଯଦି 'ନମସ୍ତେ' ଶବ୍ଦ ଓଡ଼ିଆରେ ନ ଥାଆନ୍ତା ତେବେ ଏଥିରେ ଏପରି ପ୍ରଚଳିତ ନ ଥାଆନ୍ତା ।

ଗାଁ ଗହଳିରେ ଠାକୁର-ଠାକୁରାଣୀଙ୍କ ପୂଜା କରିବା ପାଇଁ ଗୋଟିଏ ପୁସ୍ତିକା ବହୁଳ ବ୍ୟବହାର କରନ୍ତି । ତା'ର ନା ହେଉଛି 'ସ୍ତୁତିମାଳିକା' । ମୋ ବୋଉ ମଧ୍ୟ ସବୁ ଦିନେ କିଛି ସ୍ତୁତି ପଢୁଥିଲେ । ପିଲାବେଳେ ଶୁଣି-ଶୁଣି କିଛି ମନେ ଅଛି । ଘରେ ଘରେ ପ୍ରଚଳିତ ସ୍ତୁତି ମାଳିକାରେ ଠାକୁରାଣୀ ସ୍ତୁତିରେ ମିଳେ -

ନମସ୍ତେ ଗୋ ଠାକୁରାଣୀ ଜଗତର ମାତ ।
ସୃଷ୍ଟି ଆରମ୍ଭରୁ ମାଗୋ ହୋଇଛୁ ସମ୍ଭୂତ ॥
ସର୍ବ ମଙ୍ଗଳା ସ୍ତୁତିରେ ଲେଖାଅଛି -
ନମସ୍ତେ ଶାରଳା ମାଗୋ ଶଙ୍କରୀ ଭବାନୀ ।
ଦୟାକର ମୋତେ ମାଗୋ ଦନୁଜ-ନାଶିନୀ ॥
ନମସ୍ତେ ଚଣ୍ଡିକା ତୁମେ ରୁଦ୍ରଙ୍କର ବାମା ।
କେ କହି ପାରିବ ମାଗୋ ତୁମ୍ଭରି ମହିମା ॥
ନମସ୍ତେ ଶାରଳା ମାଗୋ ଚଣ୍ଡୀ ମହାମାୟୀ ।
ସଙ୍କଟ ପଡ଼ିଲେ ମାଗୋ ଉଦ୍ଧାରୁ ଯେ ତୁହି ॥
ସେହିଭଳି ଦୁର୍ଗା ସ୍ତୁତିରେ ମିଳେ -
ନମସ୍ତେ କାତ୍ୟାୟନୀ ଅନାଦି ମାହେଶ୍ୱରୀ ।
ସତ୍ୟଯୁଗରେ ମହିଷାସୁର ଦର୍ପ ହରି ॥

ଅତଃ ଆମେ ଯାହା ବିଚାର କରୁଛେ ଯେ, 'ନମସ୍ତେ' ଓଡ଼ିଆ ଶବ୍ଦ ନୁହେଁ, ତାହା ବାସ୍ତବରେ ଠିକ୍ ନୁହେଁ । 'ନମସ୍ତେ' ଓଡ଼ିଆରେ ପ୍ରଯୁକ୍ତ ହୁଏ, ବହୁତ ପ୍ରୟୋଗ ହୁଏ । ତା' ଛଡ଼ା ଅନ୍ୟ ଅଭିବାଦନ ଶବ୍ଦ ଅପେକ୍ଷା 'ନମସ୍ତେ'ରେ ଅର୍ଥ ଅଧିକ ଅଭିବ୍ୟକ୍ତ ହୁଏ ।

**ପ୍ରଶ୍ନ ୫** - 'ନମସ୍ତେ' ଶବ୍ଦର ଅର୍ଥ କ'ଣ ?

**ଉତ୍ତର** - 'ନମସ୍ତେ' = ନମଃ + ତେ ।
'ନମଃ' ଶବ୍ଦର ଅର୍ଥ ହେଉଛି ସମ୍ମାନ, ସ୍ୱାଗତ, ସତ୍କାର, ନମ୍ରତା, ଆଦର, ଅଭିବାଦନ ଏମିତି ବହୁତ ।
'ତେ' ଶବ୍ଦର ଅର୍ଥ ହେଉଛି ଆପଣଙ୍କୁ । 'ଯୁଷ୍ମଦ୍' ଶବ୍ଦର ଚତୁର୍ଥୀ ଏକବଚନର ଗୋଟିଏ ରୂପ ହେଉଛି 'ତେ' । 'ଯୁଷ୍ମଦ୍' ଶବ୍ଦର ଅର୍ଥ ତୁମେ, ଆପଣ । 'ନମସ୍କାର'ର ପ୍ରୟୋଗରେ ଆପଣଙ୍କୁ ନମସ୍କାର କରୁଛି ବୋଲି କୁହାଯିବ । କିନ୍ତୁ 'ନମସ୍ତେ' କହିଦେଲେ ଆଉ ଆପଣଙ୍କୁ ନମସ୍କାର ବୋଲି କହିବା ଆବଶ୍ୟକ ନାହିଁ । 'ତେ' ଶବ୍ଦଟି 'ଆପଣଙ୍କୁ' ବୁଝାଉଛି । ଏହା କର୍ମ ଶବ୍ଦ । ଯାହାକୁ ଆମେ କହୁଛେ । କର୍ମ ଶବ୍ଦ 'ନମସ୍ତେ' ଶବ୍ଦରେ ଉକ୍ତ ହୋଇଛି ଅର୍ଥାତ୍ ଅଭିବ୍ୟକ୍ତ ହୋଇଛି । ନମସ୍କାରରେ ଉକ୍ତ ହୋଇନି । ଅଭିବ୍ୟକ୍ତ ହୋଇନି । ଅଭିବାଦନ ପାଇଁ ନମସ୍କାର ମଧ୍ୟ ପ୍ରୟୋଗ କରାଯାଇ ପାରିବ । କିନ୍ତୁ ନମସ୍କାର ଅପେକ୍ଷା ନମସ୍ତେରେ କର୍ମ ସହିତ ଏହି କ୍ରିୟା ଦୁଇଟି ଯାକ ଅଭିବ୍ୟକ୍ତ ହେଉଥିବାରୁ ବେଦରେ ନମସ୍ତେ ଶବ୍ଦର ପ୍ରୟୋଗ ହିଁ ମୁଖ୍ୟ ।

**ପ୍ରଶ୍ନ ୬** - ଯଦି ମୁଁ ନମସ୍କାର ଶବ୍ଦ ପ୍ରୟୋଗ କରିବାକୁ ଚାହୁଁଛି, ତେବେ ପୂର୍ଣ୍ଣଭାବେ କହିଲେ ମୋତେ କହିବାକୁ ପଡ଼ିବ 'ମୁଁ ଆପଣଙ୍କୁ ନମସ୍କାର କରୁଛି ।' କିନ୍ତୁ 'ନମସ୍ତେ'

କହିଲେ 'ଆପଣଙ୍କୁ' ଶବ୍ଦ ଆଉ କହିବା ଦରକାର ନାହିଁ ।

**ଉତ୍ତର** – ଠିକ୍ ।

**ପ୍ରଶ୍ନ ୭** – ଛୋଟ-ବଡ଼ ଆଧାରରେ ଅଭିବାଦନ ଶବ୍ଦ ଏକା ନା ଅଲଗା ? ଏକା ଶବ୍ଦର ଅଲଗା ଅର୍ଥ କ'ଣ ସମ୍ଭବ ?

**ଉତ୍ତର** – ବେଦ ହେଉଛି ପ୍ରତ୍ୟେକ କ୍ଷେତ୍ରରେ ଆମର ମାର୍ଗଦର୍ଶକ । ମନୁସ୍ମୃତିରେ କୁହାଯାଇଛି –

**ପିତୃ-ଦେବ-ମନୁଷ୍ୟାଣାଂ ବେଦଶ୍ଚକ୍ଷୁଃ ସନାତନମ୍ ।**

ବେଦ ହେଉଛି ପିତୃ ଅର୍ଥାତ୍ ଅଭିଜ୍ଞ, ବୟୋବୃଦ୍ଧ ଲୋକ, ଦେବ ଅର୍ଥାତ୍ ବିଦ୍ୱାନ୍ ଲୋକ ଏବଂ ମନୁଷ୍ୟ ଅର୍ଥାତ୍ = ସାମାନ୍ୟ ବ୍ୟକ୍ତି ଏ ସମସ୍ତଙ୍କ ପାଇଁ ସନାତନ ମାର୍ଗଦର୍ଶକ, ଏକ ଗାଇଡ୍ ଲାଇନ୍ । ବେଦରେ ସମସ୍ତେ ସମସ୍ତଙ୍କୁ 'ନମସ୍ତେ' ଶବ୍ଦରେ ଅଭିବାଦନ କରିବାକୁ କୁହାଯାଇଛି । ଛୋଟମାନଙ୍କୁ ବି 'ନମସ୍ତେ' କହି ଅଭିବାଦନ କରାଯାଇପାରିବ, ବଡ଼ମାନଙ୍କୁ ବି 'ନମସ୍ତେ' କହି ଅଭିବାଦନ କରାଯାଇପାରିବ । ଯଜୁର୍ବେଦରେ କୁହାଯାଇଛି – **'ନମୋ ଜ୍ୟେଷ୍ଠାୟ ଚ କନିଷ୍ଠାୟା ଚ'** (ଯଜୁଃ.୧୬:୩୨) – ଜ୍ୟେଷ୍ଠକୁ ବି ନମସ୍ତେ, କନିଷ୍ଠକୁ ବି ନମସ୍ତେ । ପୁଣି କୁହାଯାଇଛି – **'ନମୋ ହ୍ରସ୍ୱାୟ ଚ ବାମନାୟ ଚ ନମୋ ବୃହତେ ଚ ବର୍ଷୀୟସେ ଚ ।'** (ଯଜୁଃ.୧୬:୩୦) – ବୃହତ୍‌କୁ ବି ହ୍ରସ୍ୱକୁ ବି ନମସ୍ତେ ।

କାହିଁକି ଏପରି ହେଲା ?

କ. ଯେହେତୁ ନମଃ ଶବ୍ଦର ଅର୍ଥ – ସମ୍ମାନ, ସତ୍କାର । ଗୁରୁଜନମାନଙ୍କୁ ଆମେ ଯେତେବେଳେ ନମସ୍ତେ କହୁଛୁ ତାହାର ଅର୍ଥ ହେଲା 'ମୁଁ ଆପଣଙ୍କୁ ସମ୍ମାନ ଜଣାଉଛି, ସତ୍କାର କରୁଛି ।'

ଖ. ନମଃ ଶବ୍ଦର ଅର୍ଥ ଆଦର-ସ୍ନେହ-ଆଶୀର୍ବାଦ । ଛୋଟମାନଙ୍କୁ ନମସ୍ତେ କହିଲେ- 'ମୁଁ ତୁମମାନଙ୍କୁ ଆଦର କରୁଛି, ମୁଁ ତୁମକୁ ସ୍ନେହ ଜଣାଉଛି, ଆଶୀର୍ବାଦ ଦେଉଛି ।'

ଗ. ସମବୟସ୍କମାନଙ୍କୁ ନମଃ ଶବ୍ଦର ଅର୍ଥ ହେଲା – ପ୍ରୀତି, ଶୁଭେଚ୍ଛା ।

ତେଣୁ ଆମେ ଗୁରୁଜନମାନଙ୍କୁ, ସମବୟସ୍କଙ୍କୁ ତଥା ଛୋଟମାନଙ୍କୁ ମଧ୍ୟ 'ନମସ୍ତେ' କହିପାରିବା । 'ନମସ୍ତେ' ଶବ୍ଦ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ।

ଉପସ୍ଥାପନା

**ଲଳିତ ମଞ୍ଜରୀ ଦାସ**

❖❖❖

(୩୨ ପୃଷ୍ଠାର ଅବଶିଷ୍ଟାଂଶ)

**ବ୍ୟକ୍ତି**

| | | |
|---|---|---|
| ୨୫. ଶ୍ରୀମାନ୍ ସୋମନାଥ ପାତ୍ର | ପତଞ୍ଜଳି ଚିକିତ୍ସାଳୟ, ବାଲେଶ୍ୱର | ୯୪୩୭୦୬୦୬୧୨ |
| ୨୬. ଶ୍ରୀମାନ୍ ପଙ୍କଜ ମେହେର | ସୋନପୁର | ୯୪୩୭୧୧୮୯୫୧ |
| ୨୭. ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର | ୯୧୭୮୮୪୭୧୨୬ |
| ୨୮. ଶ୍ରୀମାନ୍ ପରୀକ୍ଷିତ ଦାଶ | ଶାନ୍ତିନଗର, ପଦ୍ମପୁର, ବରଗଡ଼ | ୯୯୩୭୬୭୯୧୩୧ |
| ୨୯. ପଣ୍ଡିତ କବୀନ୍ଦ୍ର ଆର୍ଯ୍ୟ | ଡୁମ୍ବେରପାଲି, ସୁବର୍ଣ୍ଣପୁର | ୯୯୩୭୦୬୭୫୭୧ |
| ୩୦. ଶ୍ରୀମାନ୍ ରାଜକିଶୋର ସାହୁ | କସ୍ତୁରୀ ନଗର, ରାୟଗଡ଼ା | ୯୮୬୧୬୭୧୯୪୫ |
| ୩୧. ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ, ଗୁଜରାଟ | ୦୯୯୭୯୪୨୮୦୮୯ |
| ୩୨. ଶ୍ରୀମାନ୍ ସମ୍ବିତ୍ ଦାସ ଅଧିକାରୀ | ମୁମ୍ବାଇ | ୦୯୯୮୭୮୫୩୯୮୯ |

ଦୀପାବଳି : ଋଷିନିର୍ବାଣ ଦିବସ ଉପଲକ୍ଷେ :

# ସ୍ୱରାଜ୍ୟର ମନ୍ତ୍ରଦ୍ରଷ୍ଟା ମହର୍ଷି ଦୟାନନ୍ଦ

**ପଦ୍ମନାଭ ସ୍ୱାଇଁ**

ଊନବିଂଶ ଶତାବ୍ଦୀର ମହାନ୍ କ୍ରାନ୍ତିକାରୀ ମହର୍ଷି ଦୟାନନ୍ଦ ଜାଜ୍ୱଲ୍ୟମାନ ନକ୍ଷତ୍ର ସଦୃଶ ଭାରତୀୟ ଆକାଶରେ ନିଜର ଅଲୌକିକ ଆଭାରେ ଜ୍ୟୋତିଷ୍ମାନ୍ ହୋଇ ଉଠିଥିଲେ । ସେ ଗଭୀର ନିଦ୍ରାରେ ଶୋଇଥିବା ଭାରତବର୍ଷକୁ ଜାଗ୍ରତ କରିଥିଲେ । ସେ ଥିଲେ ମାନବତାର ଶ୍ରେଷ୍ଠ ଉପାସକ ତଥା 'ସ୍ୱରାଜ୍ୟ'ର ସର୍ବପ୍ରଥମ ସନ୍ଦେଶ-ବାହକ । ସେ ହିଁ ପ୍ରଥମ ବ୍ୟକ୍ତି ଯିଏ କି ଭାରତ ଭାରତୀୟଙ୍କର ବୋଲି ଘୋଷଣା କରିଥିଲେ । ପରାଧୀନ ଭାରତର ଧାର୍ମିକ, ସାମାଜିକ ତଥା ରାଜନୈତିକ ସଂସ୍କାର କ୍ଷେତ୍ରରେ ସେ ଏକ ନବଜାଗରଣର ସୂତ୍ରପାତ କରିଥିଲେ । ଯେତେବେଳେ ସାମାଜିକ କୁରୀତିକୁ ସମାଲୋଚନା କରିବା ଅସମ୍ଭବ ମନେହେଉଥିଲା, ସେତେବେଳେ ସେ ଏହି କ୍ଷେତ୍ରରେ ନେତୃତ୍ୱ ନେଇଥିଲେ । ନିଜର ମାତୃଭାଷା ଗୁଜୁରାଟୀ ଏବଂ ନିଜେ ଜଣେ ସଂସ୍କୃତ ଭାଷାର ପ୍ରକାଣ୍ଡ ବିଦ୍ୱାନ୍ ହୋଇ ସୁଦ୍ଧା ସେ ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରିବା ପାଇଁ ସର୍ବପ୍ରଥମେ ଆହ୍ୱାନ ଦେଇଥିଲେ । ଭାରତୀୟମାନଙ୍କୁ ଏକ ମହାନ୍ ଜାତିରେ ପରିଣତ କରିବା ବା ଏକ ମହାନ୍ ଜାତୀୟ ସୂତ୍ରରେ ବାନ୍ଧି ରଖିବାକୁ ହେଲେ ଏକ ଜାତୀୟ (ସର୍ବଭାରତୀୟ) ଭାଷାର ଯେପରି ଆବଶ୍ୟକତା ରହିଛି ସେହିଭଳି ବିଘଟନକାରୀ ବିଦେଶୀ ଶାସନ କବଳରୁ ପ୍ରଥମେ ଭାରତ ବର୍ଷକୁ ମୁକ୍ତ କରିବା ଯେ ସର୍ବାଦୌ ଆବଶ୍ୟକ ତାହାକୁ ମହର୍ଷି ଭଲରୂପେ ହୃଦୟଙ୍ଗମ କରି ସ୍ୱ-ରଚିତ କ୍ରାନ୍ତିକାରୀ ଗ୍ରନ୍ଥ **'ସତ୍ୟାର୍ଥପ୍ରକାଶ'** ମାଧ୍ୟମରେ ଲୋକଙ୍କୁ ପ୍ରେରିତ କରିଥିଲେ । ଭାରତୀୟମାନଙ୍କୁ ଏକ ଉନ୍ନତ ସାମାଜିକ ବନ୍ଧନରେ ଆବଦ୍ଧ କରିବା ପାଇଁ ସେ ପ୍ରଚଳିତ ଜନ୍ମଗତ ଜାତିପ୍ରଥା ଏବଂ ଅସ୍ପୃଶ୍ୟତା ଭଳି ସାମାଜିକ ବ୍ୟାଧିକୁ ଦୂର କରିବା ପାଇଁ ଆଜୀବନ ସଂଘର୍ଷ କରିଥିଲେ ।

ମହର୍ଷିଙ୍କର ଆବିର୍ଭାବ ୧୮୨୫ ମସିହା ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ଗୁଜୁରାଟ ପ୍ରଦେଶ ଅନ୍ତର୍ଗତ କାଠିଆବାଡ଼ ଅଞ୍ଚଳର ଟଙ୍କାରା ନାମକ ଏକ ଗ୍ରାମରେ ପ୍ରତିଷ୍ଠିତ ଔଦିଚ୍ୟ ସାମଦେବୀ ବ୍ରାହ୍ମଣ କର୍ଷଣଲାଲ ତ୍ରିବେଦୀଙ୍କ ଜ୍ୟେଷ୍ଠ ସନ୍ତାନ ରୂପେ ହୋଇଥିଲା । ମାତା-ପିତା ତାଙ୍କର ବାଲ୍ୟକାଳର ନାମ ରଖିଥିଲେ 'ମୂଳଶଙ୍କର' ।

ପିତା କର୍ଷଣଲାଲ ଶିବଭକ୍ତ ହୋଇଥିବାରୁ ମାତ୍ର ୧୪ ବର୍ଷ ବୟସରେ ଶିବରାତ୍ରିରେ ଶିବ ଉପାସନା ନିମନ୍ତେ ମୂଳଶଙ୍କର ପିତାଙ୍କଠାରୁ ପ୍ରେରଣା ପାଇଥିଲେ ଏବଂ ପିତାଙ୍କଠାରୁ ଶିବଙ୍କ ମହିମା ଶୁଣି ସେ ସାରା ଦିନ ଉପବାସ ରହିବା ସହ ରାତ୍ରି ଉଜାଗର ପାଇଁ ପ୍ରସ୍ତୁତ ହୋଇଥିଲେ । ସେ ରାତ୍ରିରେ ଶିବଙ୍କ ଦର୍ଶନ ନିମନ୍ତେ ପିତାଙ୍କ ସହିତ ନିକଟସ୍ଥ ମନ୍ଦିରକୁ ଯାଇ ଭକ୍ତି ଉଦ୍‌ବେଳିତ ଅନ୍ତରରେ ଶିବଲିଙ୍ଗ ନିକଟରେ ଜାଗ୍ରତ ରହିଥିଲେ । ହେଲେ ରାତ୍ରିର ବିଳମ୍ବିତ ପ୍ରହରରେ ସେହି ଶିବଲିଙ୍ଗ ଉପରେ ମୂଷାମାନଙ୍କର ଦୌରାତ୍ମ୍ୟ ଦେଖି ତାଙ୍କର ଜ୍ଞାନର ଚକ୍ଷୁ ଖୋଲିଗଲା । ସେ ବିଚାରିଲେ ପିତା ଯେଉଁ ମହାଦେବଙ୍କର ଅନନ୍ତ ମହିମା କହୁଥିଲେ ଏହି ପଥର ନିର୍ମିତ ଶିବଲିଙ୍ଗ କଦାପି ସେହି ଶିବ ନୁହନ୍ତି । ପରବର୍ତ୍ତୀ ସମୟରେ ପ୍ରକୃତ ଶିବଙ୍କ ସନ୍ଧାନରେ ସେ ମାତ୍ର ୨୧ ବର୍ଷ ବୟସରେ ଗୃହତ୍ୟାଗ କରି ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରି ଅନେକ ସାଧୁ-ସନ୍ଥଙ୍କ ସମ୍ପର୍କରେ ଆସି କଠୋର ସାଧନା କରିଥିଲେ । ସେ ମାତ୍ର ୨୪ ବର୍ଷ ବୟସରେ ସ୍ୱାମୀ ପୂର୍ଣ୍ଣାନନ୍ଦ ସରସ୍ୱତୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି 'ସ୍ୱାମୀ ଦୟାନନ୍ଦ ସରସ୍ୱତୀ' ନାମରେ ପରିଚିତ ହୋଇଥିଲେ ।

ସନ୍ନ୍ୟାସ ଦୀକ୍ଷା ଗ୍ରହଣ ପରେ ସଚ୍ଚା ଗୁରୁଙ୍କ ସନ୍ଧାନରେ ଅନେକ ସ୍ଥାନ ଭ୍ରମଣ କରି ପରିଶେଷରେ ମଥୁରା ନଗରୀରେ ପହଞ୍ଚି ବ୍ୟାକରଣ ସୂର୍ଯ୍ୟ ପ୍ରଜ୍ଞାଚକ୍ଷୁ ସ୍ୱାମୀ ବିରଜାନନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ କରି ତିନି ବର୍ଷ ମଧ୍ୟରେ ସମସ୍ତ ବ୍ୟାକରଣ ଅଧ୍ୟୟନ ସହ ବିଭିନ୍ନ ଆର୍ଷ ଗ୍ରନ୍ଥଗୁଡ଼ିକର ଅନୁଶୀଳନ କରିଥିଲେ । ଶିକ୍ଷା ସମାପ୍ତି ପରେ ଗୁରୁଦକ୍ଷିଣା ସ୍ୱରୂପ ଗୁରୁଦେବଙ୍କ ଆଦେଶ ଅନୁସାରେ ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ତଥା ଭାରତୀୟ ପ୍ରାଚୀନ ସଂସ୍କୃତିର ମୂଳାଧାର 'ବେଦ'ର ପୁନରୁଦ୍ଧାର ନିମନ୍ତେ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ।

ସାଧାରଣ ଜନତା ମହର୍ଷିଙ୍କୁ କେବଳ ଜଣେ ସାମାଜିକ ଓ ଧାର୍ମିକ ସଂସ୍କାରକ ରୂପେ ଜାଣନ୍ତି। ବାସ୍ତବରେ ସେ କିନ୍ତୁ ଜଣେ ସଚ୍ଚୋଟ ସ୍ୱାଭିମାନୀ ରାଷ୍ଟ୍ରପୁରୁଷ ମଧ୍ୟ ଥିଲେ । ପରାଧୀନ ଭାରତରେ ଯେତେବେଳେ କେହି 'ସ୍ୱରାଜ୍ୟ'ର କଳ୍ପନା ସୁଦ୍ଧା କରିନଥିଲେ, ସେତେବେଳେ ମହର୍ଷି ଦୟାନନ୍ଦ ଜଣେ ପରିବ୍ରାଜକ ରୂପେ ସ୍ୱରାଜ୍ୟର ବାର୍ତ୍ତା ପ୍ରଚାର କରୁଥିଲେ । ତାଙ୍କ ବିଚାରରେ କୌଣସି ଜାତି (ରାଷ୍ଟ୍ର) ପାଇଁ ରାଜନୈତିକ ପରାଧୀନତାଠାରୁ ବଳି ଅଭିଶାପ କିଛି ନାହିଁ । ଯଦି ଏହି ପରାଧୀନତାର ପୀଡ଼ାକୁ ଦୂର ନ କରି କେବଳ ନିଜର ନୈତିକ ଏବଂ ଆଧ୍ୟାତ୍ମିକ ସଦ୍‌ଗୁଣର ଗୀତ ଗାନ କରାଯାଏ ତେବେ ରାଷ୍ଟ୍ରିୟ ଅଭ୍ୟୁତ୍‌ଥାନ ଆଦୌ ସମ୍ଭବ ନୁହେଁ ।

ପ୍ରାଚୀନ ଭାରତର ସମସ୍ତ ରାଜନୈତିକ ଚିନ୍ତକ ତଥା ବିଚାରକଗଣ ମୂଳତଃ ଆଧ୍ୟାତ୍ମିକ ପୁରୁଷ ଥିଲେ । ସର୍ବପ୍ରଥମ ମାନବୀୟ ସମ୍ବିଧାନ ପ୍ରଣେତା ମହର୍ଷି ମନୁ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟ ଆଦିଙ୍କର ବିଚାରଧାରା ଧାର୍ମିକ ବା ଆଧ୍ୟାତ୍ମିକ ତଥା ରାଜନୈତିକ ଭାବ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ସେମାନେ ଏକ ଦିଗରେ ଆଧ୍ୟାତ୍ମିକ କ୍ଷେତ୍ରରେ ସର୍ବୋଚ୍ଚ ଉପଲବ୍‌ଧି ପ୍ରାପ୍ତ କରିଥିଲେ, ଅନ୍ୟ ଦିଗରେ ସେମାନଙ୍କର ରାଜନୈତିକ ଚିନ୍ତନ ଏବଂ କାର୍ଯ୍ୟ ମଧ୍ୟ ଅତି ଉଚ୍ଚ କୋଟିର ଥିଲା । ସେମାନଙ୍କ ରଚିତ ଗ୍ରନ୍ଥମାନଙ୍କରେ ରାଜନୀତିର ତତ୍ତ୍ୱ ସମ୍ବନ୍ଧରେ ସର୍ବାଙ୍ଗୀନ ବିବେଚନ କରିଛନ୍ତି ତଦ୍ଦ୍ୱାରା ଏହି ଦେଶର ଧାର୍ମିକ ଏବଂ ନୈତିକ ମୂଲ୍ୟବୋଧ ମଧ୍ୟରେ କୌଣସି ତାତ୍ତ୍ୱିକ ବିରୋଧ ନାହିଁ । ମହର୍ଷି ବେଦ ବ୍ୟାଖ୍ୟା କରି ଲେଖିଥିଲେ – 'ପ୍ରଜାଗଣ କର୍ମଯୋଗୀ ଓ ସଂଗଠିତ ହେବା ଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତ ହୁଏ ।'

ତାଙ୍କ ବିଚାରରେ ସ୍ୱରାଜ୍ୟ ହେଉଛି ଇନ୍ଦ୍ରିୟମାନଙ୍କ ଉପରେ ଆତ୍ମାର ପ୍ରଭୁତ୍ୱ । ମହର୍ଷି ସେହି ସ୍ୱରାଜ୍ୟର ବର୍ଣ୍ଣନା କରିବାବେଳେ ନିଜ ମାତୃଭୂମିର ପରାଧୀନତା ପାଇଁ ଦୁଃଖୀ ହେଉଥିଲେ। ଯେତେବେଳେ ଦେଶରେ କୌଣସି ରାଜନୈତିକ ସଂଗଠନ ଜନ୍ମଲାଭ କରିନଥିଲା ୧୮୭୫ ମସିହାରେ ପ୍ରକାଶିତ ସ୍ୱରଚିତ କ୍ରାନ୍ତିକାରୀ ଅମରଗ୍ରନ୍ଥ **'ସତ୍ୟାର୍ଥପ୍ରକାଶ'** ର ଅଷ୍ଟମ ସମୁଲ୍ଲାସରେ ଲେଖିଥିଲେ –

"ଆର୍ଯ୍ୟ(ଭାରତୀୟ)ମାନଙ୍କ ମଧ୍ୟରେ ଆଳସ୍ୟ, ପ୍ରମାଦ ଏବଂ ପରସ୍ପର କଳହ ଯୋଗୁଁ ଅନ୍ୟ ଦେଶରେ ଶାସନ କରିବା ତ ଦୂରେ ଥାଉ, ନିଜ ଦେଶ ଆର୍ଯ୍ୟାବର୍ତ୍ତ (ଭାରତ)ରେ ମଧ୍ୟ ଆଜି ନିଜର ଅଖଣ୍ଡ, ସ୍ୱତନ୍ତ୍ର-ସ୍ୱାଧୀନ ତଥା ନିର୍ଭୟ ରାଜ୍ୟ (ଶାସନ) ନାହିଁ । ଯାହା କିଛି ରହିଛି ତାହା ବିଦେଶୀମାନଙ୍କ ପଦାକ୍ରାନ୍ତ । ଅଳ୍ପ କେତେଜଣ ନରପତି (ଶାସକ) ସ୍ୱତନ୍ତ୍ର ଅଛନ୍ତି। ଦୁର୍ଦ୍ଦିନ ଆସିଲେ ଦେଶବାସୀଙ୍କୁ ଅନେକ ପ୍ରକାରର ଦୁଃଖ ଭୋଗ କରିବାକୁ ପଡ଼େ, **ଯିଏ ଯେତେ କରୁନା କାହିଁକି ସ୍ୱଦେଶୀୟ ରାଜ୍ୟ ହିଁ ସର୍ବୋତ୍ତମ ଅଟେ ।** ପକ୍ଷାନ୍ତରରେ ମତମତାନ୍ତର ପ୍ରତି ଆଗ୍ରହ ରହିତ, ନିଜ-ପରପ୍ରତି ପକ୍ଷପାତଶୂନ୍ୟ ପ୍ରଜାମାନଙ୍କ ପ୍ରତି ମାତା-ପିତା ସଦୃଶ କୃପାଳୁ ତଥା ନ୍ୟାୟ ଓ ଦୟାପରାୟଣ ହେଲେ ସୁଦ୍ଧା ବିଦେଶୀ ଶାସନ ପୂର୍ଣ୍ଣ ସୁଖଦାୟକ ହୁଏ ନାହିଁ । **ଭଲ ବିଦେଶୀ ଶାସନ ଅପେକ୍ଷା ଖରାପ ସ୍ୱଦେଶୀ ଶାସନ ବରଂ ଅଧିକ ଉତ୍ତମ ଅଟେ ।"**

ଲବଣ ସତ୍ୟାଗ୍ରହର ଅନେକ ବର୍ଷ ପୂର୍ବରୁ ସେ ଇଂରେଜ ଶାସକଙ୍କୁ ଲବଣ କର ନ ନେବା ପାଇଁ ଲେଖିଥିଲେ। ଦେଶୀୟ ରାଜାମାନଙ୍କୁ ସ୍ୱଦେଶୀ ପୋଷାକ ବ୍ୟବହାର ନିମନ୍ତେ ସେ ପରାମର୍ଶ ଦେଉଥିଲେ । ଗୋ-ଜାତିର ସୁରକ୍ଷା ପାଇଁ ସେ ଲୋକଙ୍କୁ ପ୍ରେରଣା ଦେଉଥିଲେ । ସ୍ୱରଚିତ **'ସତ୍ୟାର୍ଥପ୍ରକାଶ'** ର ଦଶମ ସମୁଲ୍ଲାସରେ

ଆର୍ଥିକ ଦୃଷ୍ଟିରୁ ସେ ଗୋ-ସେବାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଏଥି ନିମନ୍ତେ ମହର୍ଷି **'ଗୋ କରୁଣାନିଧି'** ନାମକ ଏକ ସ୍ୱତନ୍ତ୍ର ପୁସ୍ତକ ବି ରଚନା କରିଯାଇଛନ୍ତି । ତାଙ୍କର ବିଚାରରେ ଗୋ-ରକ୍ଷା ପ୍ରଶ୍ନକୁ ହିନ୍ଦୁ ଧର୍ମର ପରିଧି ମଧ୍ୟରେ ରଖିବା ଅନୁଚିତ । ଗୋ-ଜାତି ସମଗ୍ର ଜାତିର ପରମ ସହାୟକ । ସେ ଗୋହତ୍ୟା ବନ୍ଦ ପାଇଁ ବ୍ରିଟେନ୍‌ର ମହାରାଣୀଙ୍କ ଗୋଚରାର୍ଥେ ଦେଶବାସୀଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକ ପତ୍ର ପଠାଇବା ପାଇଁ ଶୁଭଚିନ୍ତକ ଏବଂ ଅନୁଗାମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏ କ୍ଷେତ୍ରରେ ସେ ଇଂରେଜ ଅଧିକାରୀଙ୍କର ସମର୍ଥନ ବି ପାଇଥିଲେ । ବାସ୍ତବରେ ସମକାଳୀନ ଧର୍ମାଚାର୍ଯ୍ୟଙ୍କ ମଧ୍ୟରେ ଦେଶଭକ୍ତି ତଥା ସମାଜ ସଂସ୍କାର ଦୃଷ୍ଟିରୁ ସେ ଥିଲେ ଅଗ୍ରଗଣ୍ୟ । ଥରେ ଗୋ-ରକ୍ଷିଣୀ ସଭାର ସଭାପତି ଲାଲା ମୋହନ ଲାଲ ସ୍ୱାମୀଜୀଙ୍କ ସେବାରେ ଉପସ୍ଥିତ ହେଲେ, ସେ କହିଲେ ସ୍ୱାମୀଜୀ ଆପଣଙ୍କ ପରି ମହାପୁରୁଷ ନିଶ୍ଚୟ ମୋକ୍ଷ ଲାଭ କରିବେ । ଏହା ଶୁଣି ସ୍ୱାମୀଜୀ ଉତ୍ତର ଦେଲେ ମୋର ହାର୍ଦ୍ଦିକ ଅଭିଳାଷ ହେଉଛି ସମଗ୍ର ମାନବ ଜାତି ମୋକ୍ଷର ଅଧିକାରୀ ହୁଅନ୍ତୁ । ଦିନେ ଜଣେ ବୃଦ୍ଧା ମହିଳାଙ୍କ ଯୁବକ ପୁତ୍ର ମୃତ୍ୟୁବରଣ କଲା, ଶବ ନେବାପାଇଁ କୋକେଇ ନ ଥିଲା ଏବଂ ଶବ ଦାହ ପାଇଁ କାଠ ବି ନଥିଲା । ଅଭାଗିନୀ ବିଧବା ବୃଦ୍ଧା ଜଣକ ତା'ର ମୃତ ପୁତ୍ରର ଶବକୁ ଗଙ୍ଗାନଦୀରେ ଭସାଇ ଦେଉଥିବା ଦେଖି ସ୍ୱାମୀଜୀଙ୍କ ନେତ୍ର ଅଶ୍ରୁପୂର୍ଣ୍ଣ ହୋଇଗଲା । ଯେଉଁ ବ୍ୟକ୍ତି ସ୍ୱ-ଗୃହରେ ସାଂସରିକ ଦୁଃଖ-ଯନ୍ତ୍ରଣା ଦେଖି ତିଳେମାତ୍ର ଶୋକ କରି ନଥିଲେ, ସେ ସ୍ୱଦେଶବାସିନୀ ଅପରିଚିତା, ଅସହାୟା ଦରିଦ୍ର-ବିଧବା ମହିଳାଙ୍କର ଦୁର୍ଦ୍ଦଶାରେ ମୁହ୍ୟମାନ ହୋଇପଡ଼ିଥିଲେ ।

ଆଉ ଥରକର ଘଟଣା । ସ୍ୱାମୀଜୀ ଗଙ୍ଗାତଟରେ ଭ୍ରମଣ କରୁଥିବା ବେଳେ ଜଣେ ମହାତ୍ମା ତାଙ୍କ ନିକଟରେ ରହି ଯୋଗ ସାଧନା କରିବା ନିମନ୍ତେ ମହର୍ଷିଙ୍କୁ ଅନୁରୋଧ କରିଥିଲେ । ହେଲେ ସ୍ୱାମୀଜୀ ବିନମ୍ର ଭାବରେ କହିଥିଲେ – 'ନିଜର ମୁକ୍ତି ପାଇଁ ମୋର ଚିନ୍ତା ନାହିଁ । ଦେଶର ଲକ୍ଷ ଲକ୍ଷ ଲୋକ ଅବିଦ୍ୟା, ଦାରିଦ୍ର୍ୟ, ଶୋଷଣ ଓ ଅନ୍ଧବିଶ୍ୱାସରେ ସଢୁଥିବା ବେଳେ ଜଣକର ମୁକ୍ତି ଲାଭର ଅର୍ଥ କ'ଣ ?' ଏହି ସବୁ ଘଟଣାରୁ ମହର୍ଷିଙ୍କ ଅସୀମ ରାଷ୍ଟ୍ରପ୍ରୀତିର ପରିଚୟ ମିଳେ ।

ମହର୍ଷି ଦୟାନନ୍ଦଙ୍କର ସ୍ୱପ୍ନର ସଂସାର ଥିଲା ଭିନ୍ନ ପ୍ରକାର, ଏପରି ସଂସାର ଯେଉଁଠାରେ ସାମାଜିକ, ରାଜନୈତିକ ତଥା ଧାର୍ମିକ ଶୋଷଣ ନ ଥିବ । ଯେଉଁଠାରେ ଧର୍ମାଚାର୍ଯ୍ୟ, ସମାଜସେବୀ ଓ ରାଷ୍ଟ୍ରନାୟକମାନେ ସଂଯମୀ, ଜିତେନ୍ଦ୍ରିୟ, ସଦାଚାରୀ ହେବେ । ସେମାନଙ୍କ ସ୍ଖଳନ ନିମନ୍ତେ ସାଧାରଣ ପ୍ରଜାଙ୍କ ଅପେକ୍ଷା ଅଧିକ ଦଣ୍ଡ-ବିଧାନ ହେବ । ସମସ୍ତଙ୍କ ପାଇଁ ଶିକ୍ଷା ଅନିବାର୍ଯ୍ୟ, ସମଗ୍ର ଦେଶରେ ଏକ ରାଷ୍ଟ୍ରଭାଷା ପ୍ରଚଳନ, ସ୍ୱଦେଶୀ ବସ୍ତ୍ର ପରିଧାନ, ପଞ୍ଚାୟତ ସ୍ଥାପନ, ଦଳିତୋଦ୍ଧାର, ଅସ୍ପୃଶ୍ୟତା ନିବାରଣ, ମାତୃଜାତି ପାଇଁ ସ୍ୱତନ୍ତ୍ର ସମ୍ମାନ ଏବଂ ସମାନ ଅଧିକାର, ରାଷ୍ଟ୍ରିୟ ତଥା ସାମାଜିକ ଏକତା ସ୍ଥାପନ ଏବଂ ପ୍ରତ୍ୟେକଙ୍କ ଅନ୍ତରରେ ଦେଶାଭିମାନ ଜାଗ୍ରତ କରିବା ପାଇଁ ମହର୍ଷି ଆଜୀବନ ଉଦ୍ୟମ କରିଥିଲେ ।

ବାସ୍ତବରେ ମହର୍ଷି ନିଜର ପ୍ରତ୍ୟେକ ଅନୁଗାମୀଙ୍କୁ ସ୍ୱରାଜ୍ୟ ଆନ୍ଦୋଳନର ଜଣେ ଜଣେ ସିପାହୀ ରୂପେ ଦେଖିବାକୁ ଚାହୁଁଥିଲେ । ତେଣୁ ତାଙ୍କର ଅନୁଗାମୀଙ୍କ ମଧ୍ୟରେ ୮୦ ରୁ ୯୦ ପ୍ରତିଶତ ସ୍ୱାଧୀନତା ସଂଗ୍ରାମୀ ଥିଲେ । ମହର୍ଷିଙ୍କ ପ୍ରେରଣାରେ ତାଙ୍କର ଅନୁଗାମୀଙ୍କ ମଧ୍ୟରେ ଏପରି ଅନେକ ବିଦ୍ୱାନ୍ ସନ୍ନ୍ୟାସୀ ଥିଲେ ଯେଉଁମାନେ ସ୍ୱରାଜ୍ୟ ଆନ୍ଦୋଳନ ତଥା ହାଇଦ୍ରାବାଦ ସତ୍ୟାଗ୍ରହରେ ଶହୀଦ୍ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ।

ମହର୍ଷି ଦୟାନନ୍ଦଙ୍କ ଜଣେ ନିଷ୍ଠାପର ଅନୁଗାମୀ, ଜାତୀୟ କଂଗ୍ରେସର ଦୁର୍ଦ୍ଦର୍ଷ ସିପାହୀ ତଥା ଲୋକସେବକ ମଣ୍ଡଳର ସଂସ୍ଥାପକ ପଞ୍ଜାବ କେଶରୀ ଲାଲା ଲଜପତ ରାୟ କହିଥିଲେ – **"ସ୍ୱାମୀ ଦୟାନନ୍ଦ ମୋର ଗୁରୁ, ମୁଁ ଜୀବନରେ ତାଙ୍କୁ ହିଁ ଗୁରୁ ରୂପେ ସ୍ୱୀକାର କରିଛି । ମୁଁ ଗର୍ବ ଅନୁଭବ କରେ ଯେ ମୋର ଗୁରୁ ସ୍ୱତନ୍ତ୍ରଭାବରେ**

**ବିଚାର କରିବା, କହିବା ଓ କର୍ତ୍ତବ୍ୟ ପାଳନ କରିବା ପାଇଁ ମୋତେ ଶିକ୍ଷା ଦେଇଛନ୍ତି । ତାଙ୍କର ପ୍ରେରଣା ହିଁ ମୋତେ ମାତୃଭୂମି ପ୍ରତି ସ୍ନେହ ଓ ସମ୍ମାନ କରିବାର ଭାବନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ମୋଠାରେ ଦେଶ ଓ ଦଶ ପାଇଁ ବଳିଦାନର ସଂକଳ୍ପ ଜାଗ୍ରତ କରିଛି ।"**

ନିଜର ମୋକ୍ଷ ପ୍ରାପ୍ତିକୁ ଗୁରୁତ୍ୱ ନ ଦେଇ ରାଷ୍ଟ୍ରୋଦ୍ଧାର ନିମନ୍ତେ ପ୍ରଯତ୍ନଶୀଳ ମହର୍ଷିଙ୍କ ପ୍ରେରଣାରେ ପ୍ରେରିତ ହୋଇ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବୀର ପୁରୁଷମାନଙ୍କ ତ୍ୟାଗ ଓ ବଳିଦାନରୁ ପ୍ରାପ୍ତ ସ୍ୱାଧୀନତାର ଛଅ ଦଶନ୍ଧି ବିତିଯାଇଥିଲେ ବି ସ୍ୱାଧୀନତାର ସୁଫଳ ଆଜି ଦେଶର ସଂଖ୍ୟାଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିନାହିଁ । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ତଥା ଏକ ପ୍ରଭାବଶାଳୀ-ବିକାଶଶୀଳ ରାଷ୍ଟ୍ରରୂପେ ପରିଚିତ ହେଉଥିବା ଭାରତବର୍ଷରେ ଗଣତନ୍ତ୍ର ବଦଳରେ ପୂର୍ବର ସେହି ରାଜତନ୍ତ୍ର ବା ପରିବାରତନ୍ତ୍ର ସୁଦୃଢ଼ ହେବାରେ ଲାଗିଛି । ତେଣୁ ଦେଶର ଲକ୍ଷ ଲକ୍ଷ ପରିବାର ଅନାହାର ବା ଅଳ୍ପାହାରରେ ରହି ଶିକ୍ଷା-ସ୍ୱାସ୍ଥ୍ୟ ଆଦି ମୌଳିକ ସେବା ପାଇବାରୁ ବଞ୍ଚିତ ହେଉଥିବାବେଳେ ଏହି ବିଶାଳ ଗଣତନ୍ତ୍ରର ମଙ୍ଗୁଆଳ ସାଜିଥିବା ତଥାକଥିତ ସ୍ୱାର୍ଥାନ୍ୱେଷୀ ରାଜନେତା-ପୁଞ୍ଜିପତି-ଅସାଧୁ ବେପାରୀ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି । ଆଜି ତ୍ୟାଗୀ ଏବଂ ବଳିଦାନୀଙ୍କର ଦାୟାଦ ବୋଲି ଦାବୀ କରୁଥିବା ରାଜନେତାଗଣ ଆଞ୍ଚଳିକ ଭେଦଭାବ ତଥା ଜାତି-ସଂପ୍ରଦାୟ ଆଧାରରେ ନୂଆ ନୂଆ ସଂରକ୍ଷଣ ରୂପୀ ବିଘଟନକାରୀ ବୀଜ ବପନ କରି କ୍ଷମତାରେ ରହିବା ପାଇଁ ପ୍ରଯତ୍ନଶୀଳ । ତେଣୁ ସମଗ୍ର ଦେଶରେ ଆଜି ଅଶାନ୍ତି-ଅସ୍ଥିରତା ଲାଗି ରହିବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ଆନ୍ଦୋଳନ ମୁଣ୍ଡ ଟେକିଲାଣି । ସମୟ ତ ଅନେକ ଗଲାଣି ଅନେକ ତ୍ୟାଗ ଓ ବଳିଦାନରୁ ପ୍ରାପ୍ତ ସ୍ୱାଧୀନତାର ସଫଳତାକୁ ସମାଜର ସବୁ ସ୍ତରର ଲୋକଙ୍କ ନିକଟରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ଏକ ଭ୍ରଷ୍ଟାଚାର ମୁକ୍ତ ସମୃଦ୍ଧ ଭାରତ ଗଠନ ନିମନ୍ତେ ପ୍ରତ୍ୟେକ ସ୍ୱାଭିମାନୀ ସଚେତନ ନାଗରିକ ସଂକଳ୍ପବଦ୍ଧ ହୋଇ ଆଗେଇ ଆସିବା ଉଚିତ ।

❖❖❖

## ଆଜି ହିଁ 'ଶ୍ରୁତିସୌରଭ'ର ସଦସ୍ୟ ହୁଅନ୍ତୁ

ମନୁଷ୍ୟ ଯୋନି କର୍ମଯୋନି। ଜ୍ଞାନ ଆଧାରରେ କର୍ମ ହୋଇଥାଏ । ଜ୍ଞାନ ଭୁଲ୍ ହେଲେ କର୍ମ ଭୁଲ୍ ଓ ଜ୍ଞାନ ଠିକ୍ ହେଲେ କର୍ମ ଠିକ୍ ହୁଏ। ମନୁଷ୍ୟ ଅଳ୍ପଜ୍ଞ। ଏଣୁ ତାକୁ ନୈମିତ୍ତିକ ଜ୍ଞାନ ଆବଶ୍ୟକ ପଡ଼ିଥାଏ। ଈଶ୍ୱର ସର୍ବଜ୍ଞ। ତାଙ୍କ ଜ୍ଞାନ ନିର୍ଭ୍ରାନ୍ତ। ମନୁଷ୍ୟକୁ ଠିକ୍-ଭୁଲ୍, ଉଚିତ-ଅନୁଚିତ, ଧର୍ମ-ଅଧର୍ମର ଯଥାଯଥ ମାର୍ଗଦର୍ଶନ କରାଇବା ପାଇଁ ସୃଷ୍ଟି ପ୍ରାରମ୍ଭରେ ହିଁ ପରମପିତା ପରମାତ୍ମା ସ୍ୱକୀୟ ଜ୍ଞାନ 'ବେଦ' ବା 'ଶ୍ରୁତି' ପ୍ରଦାନ କରିଛନ୍ତି । ଈଶ୍ୱରଙ୍କ ନିର୍ଦ୍ଦେଶ ହେଉଛି **- 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ. ୧:୧:୪) **-**ସର୍ବଦା ବେଦ ପଥରେ ଗତିକର, ବେଦପଥରୁ କଦାପି ବିଚ୍ୟୁତ ହୁଅ ନାହିଁ । ଈଶ୍ୱରୀୟ ନିର୍ଦ୍ଦେଶାନୁଯାୟୀ ସଂସାର ଶ୍ରୁତିପଥର ପଥିକ ହେଉ, ଶ୍ରୁତିର ସୁରଭିରେ ପ୍ରତିଟି ଗୃହର ପ୍ରାଙ୍ଗଣ ସୁରଭିତ ହେଉ ଏହି ଉଦ୍ଦେଶ୍ୟରେ 'ଶ୍ରୁତିସୌରଭ' ପତ୍ରିକା ପ୍ରକାଶିତ ହେଉଛି । ଆସନ୍ତୁ, ଏହି ଈଶ୍ୱରୀୟ କର୍ମରେ ଆମେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ଏକ ସୁନ୍ଦର ସମାଜ ନିର୍ମାଣ ଦିଗରେ ସହଯୋଗର ହାତ ବଢ଼ାଇବା, ଆଜି ହିଁ 'ଶ୍ରୁତିସୌରଭ'ର ସଦସ୍ୟ ହେବା ଏବଂ ସମସ୍ତେ ମିଶି ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ।

**ସମ୍ପାଦକ**

# ଅଥ ସତ୍ୟାର୍ଥପ୍ରକାଶଃ

## ଅଥ ପ୍ରଥମସମୁଲ୍ଲାସାରମ୍ଭଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

**ଓଓମ୍ ଶନ୍ନୋ ମିତ୍ରଃ ଶଂ ବରୁଣଃ ଶନ୍ନୋ ଭବତ୍ୱର୍ୟ୍ୟମା ।**

**ଶନ୍ନଽଇନ୍ଦ୍ରୋ ବୃହସ୍ପତିଃ ଶନ୍ନୋ ବିଷ୍ଣୁରୁରୁକ୍ରମଃ ॥**

**ନମୋ ବ୍ରହ୍ମଣେ ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ ତଦ୍‌ବକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ । ଓଓମ୍ ଶାନ୍ତିଶ୍ଶାନ୍ତିଶ୍ଶାନ୍ତିଃ ॥** (ତୈ. ଆ. ପ୍ରପା.୭ : ଅନୁ.୧)

**ଅର୍ଥ – (ଓଓମ୍)** ଏହି **'ଓଓମ୍'** ଶବ୍ଦ ପରମେଶ୍ୱରଙ୍କ ସର୍ବଶ୍ରେଷ୍ଠ ନାମ । କାରଣ **'ଅ', 'ଉ'** ଓ **'ମ୍'**-ଏ ତିନୋଟି ଅକ୍ଷରର ମିଶ୍ରଣରେ **'ଓଓମ୍'** ଶବ୍ଦର ସୃଷ୍ଟି ତଥା ଏହି ଗୋଟିଏ ନାମରେ ପରମେଶ୍ୱରଙ୍କ ବହୁତ ନାମ ନିହିତ । ଯଥା— 'ଅ'କାରରେ ବିରାଟ୍, ଅଗ୍ନି ଓ ବିଶ୍ୱ ଆଦି; 'ଉ'କାରରେ ହିରଣ୍ୟଗର୍ଭ, ବାୟୁ ଓ ତୈଜସ ଆଦି; 'ମ'କାରରେ ଈଶ୍ୱର, ଆଦିତ୍ୟ ଓ ପ୍ରାଜ୍ଞ ଆଦି । ବେଦାଦି ସତ୍ୟଶାସ୍ତ୍ରମାନଙ୍କରେ ଏହାର ଏପରି ହିଁ ସ୍ପଷ୍ଟ ରୂପେ ବ୍ୟାଖ୍ୟାନ କରାଯାଇଛି । **ପ୍ରକରଣାନୁସାରେ** ଏ ସମସ୍ତ ନାମ କେବଳ ପରମେଶ୍ୱରଙ୍କୁ ହିଁ ବୁଝାଏ ।

**ପ୍ରଶ୍ନ –** ଉକ୍ତ 'ବିରାଟ୍' ଆଦି ନାମ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ପଦାର୍ଥର ବାଚକ କାହିଁକି ନ ହେବ ? କାରଣ ବ୍ରହ୍ମାଣ୍ଡ, ପୃଥିବୀ ଆଦି ଭୂତ, ମନୁଷ୍ୟ, ବିଦ୍ୱାନ୍, ଇନ୍ଦ୍ରାଦି ଦେବତା ଏବଂ ଆୟୁର୍ବେଦରେ ଶୁଣ୍ଠି ଆଦି ଔଷଧର ବି ଏ ନାମ ଉଲ୍ଲେଖ ଅଛି ।

**ଉତ୍ତର –** ହଁ, ଅଟେ । କିନ୍ତୁ ପରମାତ୍ମାଙ୍କର ବି ଅଟେ ।

**ପ୍ରଶ୍ନ –** ଏସବୁ ନାମରେ ଆମେ କେବଳ ଦେବତାଙ୍କୁ ବୁଝୁ ।

**ଉତ୍ତର –** 'ଏସବୁ ନାମରେ କେବଳ ଦେବତାଙ୍କୁ ଗ୍ରହଣ କରାଯିବ' ବୋଲି ଆପଣଙ୍କ ଏ ବିଚାର ସପକ୍ଷରେ କ'ଣ ପ୍ରମାଣ ଅଛି ?

**ପ୍ରଶ୍ନ –** ଦେବତାମାନେ ପ୍ରସିଦ୍ଧ ଏବଂ ଉତ୍ତମ ବି ଅଟନ୍ତି । ଏଣୁ ଏସବୁ ନାମରେ ମୁଁ ସେମାନଙ୍କୁ ଗ୍ରହଣ କରୁଛି ।

**ଉତ୍ତର –** କ'ଣ ପରମେଶ୍ୱର ଅପ୍ରସିଦ୍ଧ ? ଏବଂ ତାଙ୍କଠୁ ଉତ୍ତମ କ'ଣ ଆଉ କିଏ ଅଛି ? ଫେରେ ଏସବୁ ନାମ ପରମେଶ୍ୱରଙ୍କର ବି ବୋଲି କାହିଁକି ମାନୁନାହାନ୍ତି ? ଯେହେତୁ ପରମେଶ୍ୱର ଅପ୍ରସିଦ୍ଧ ନୁହନ୍ତି ଏବଂ ତାଙ୍କ ସମକକ୍ଷ ବି ଆଉ କେହି ନାହିଁ, ତେଣୁ ତାଙ୍କଠୁ ଉତ୍ତମ ଆଉ କେହି ହେବାର ପ୍ରଶ୍ନ ଉଠୁଛି କୁଆଡୁ ? ଏଣୁ ଆପଣଙ୍କ ଏ କଥନ, 'ଦେବତାମାନେ ପ୍ରସିଦ୍ଧ ଓ ଉତ୍ତମ ହୋଇଥିବାରୁ ବିରାଟ୍ ଆଦି ନାମରେ ସେମାନଙ୍କୁ ହିଁ ବୁଝାଯିବ', ସତ୍ୟ ନୁହେଁ । କାରଣ ଆପଣଙ୍କ ଏ କଥନରେ ଅନେକ ଦୋଷ ବି ଅଛି । ଯଥା — **'ଉପସ୍ଥିତଂ ପରିତ୍ୟଜ୍ୟାଽନୁପସ୍ଥିତଂ ଯାଚତ ଇତି ବାଧିତନ୍ୟାୟଃ' ।** ଜଣେ ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତି ଆଗରେ ଖାଦ୍ୟ ପଦାର୍ଥ ରଖିଦେଇ କହିଲେ—'ଭୋଜନ କରନ୍ତୁ ।' ଖାଦ୍ୟ ପ୍ରାପ୍ତ

କରିଥିବା ସେହି ବ୍ୟକ୍ତିଜଣକ ଯଦି ସମ୍ମୁଖରେ ପ୍ରାପ୍ତ ଭୋଜନ ଛାଡ଼ି ଅପ୍ରାପ୍ତ ଖାଦ୍ୟ ଆଶାରେ ଏଣେ-ତେଣେ ଖୋଜି ବୁଲନ୍ତି ତେବେ ତାଙ୍କୁ ବୁଦ୍ଧିମାନ୍ କୁହାଯାଇପାରିବ ନାହିଁ । କାରଣ ସେ ଉପସ୍ଥିତ ଅର୍ଥାତ୍ ସମୀପରେ ପ୍ରାପ୍ତ ପଦାର୍ଥକୁ ଛାଡ଼ି ଅନୁପସ୍ଥିତ ଅର୍ଥାତ୍ ଅପ୍ରାପ୍ତ ପଦାର୍ଥର ପ୍ରାପ୍ତି ପାଇଁ ବୃଥା ପରିଶ୍ରମ କରନ୍ତି । ଅତଃ ସେହି ବ୍ୟକ୍ତି ଯେପରି ବୁଦ୍ଧିମାନ୍ ନୁହନ୍ତି, ଆପଣଙ୍କ ବକ୍ତବ୍ୟ ମଧ୍ୟ ସେପରି ବୁଦ୍ଧିମତ୍ତାର ପରିଚାୟକ ନୁହେଁ । କାରଣ ଆପଣ ସେ 'ବିରାଟ୍' ଆଦି ନାମର ପ୍ରସିଦ୍ଧ, ପ୍ରମାଣସିଦ୍ଧ 'ପରମେଶ୍ୱର' ଓ 'ବ୍ରହ୍ମାଣ୍ଡ' ଆଦି ଉପସ୍ଥିତ ଅର୍ଥ ପରିତ୍ୟାଗ କରି ଅସମ୍ଭବ ଓ ଅନୁପସ୍ଥିତ 'ଦେବତା' ଅର୍ଥ ଗ୍ରହଣ କରିବା ପାଇଁ ଅଯଥା ପରିଶ୍ରମ କରୁଛନ୍ତି, ଯେଉଁଥିରେ କି କୌଣସି ପ୍ରମାଣ କି ଯୁକ୍ତି ନାହିଁ ।

ଆପଣ ଏହା କହିପାରନ୍ତି କି "ଯେଉଁଠି ଯେଉଁ ପ୍ରକରଣ ଥିବ, ସେଠାରେ ସେ ଅର୍ଥ ଗ୍ରହଣ କରିବା ଉଚିତ । ଯେପରିକି ଜଣେ ବ୍ୟକ୍ତି ସ୍ୱ ଭୃତ୍ୟକୁ କହିଲେ, **'ହେ ଭୃତ୍ୟ ! ତ୍ୱଂ ସୈନ୍ଧବମାନୟ'**— ତୁମେ ସୈନ୍ଧବ ଆଣ । ସେତେବେଳେ ସେ ଭୃତ୍ୟଜଣକ ସମୟ ଅର୍ଥାତ୍ ପ୍ରକରଣର ବିଚାର କରିବା ଆବଶ୍ୟକ । କାରଣ 'ସୈନ୍ଧବ'ର ଦୁଇଟି ଅର୍ଥ— ଘୋଡ଼ା ଓ ଲୁଣ । ଯଦି ମୁନିବଙ୍କ ଅନ୍ୟତ୍ର ଗମନ ସମୟ ତେବେ ଘୋଡ଼ା ଏବଂ ଯଦି ଭୋଜନର ସମୟ ତେବେ ଲୁଣ ଆଣିବା ଉଚିତ । ତା' ପରିବର୍ତ୍ତେ ଯଦି ଭୃତ୍ୟଟି ଯିବା ସମୟରେ ଲୁଣ ଓ ଭୋଜନ ସମୟରେ ଘୋଡ଼ା ଆଣି ଦିଏ ତେବେ ତା' ମୁନିବ ତା' ଉପରେ ବିରକ୍ତ ହୋଇ କହିବେ, 'ତୁ ଟା' ବୁଦ୍ଧିହୀନ । ଯାତ୍ରା କାଳରେ ଲବଣ ଓ ଭୋଜନ ସମୟରେ ଘୋଡ଼ା ଆଣିବାର ଆବଶ୍ୟକତା କ'ଣ ? ତୋର **ପ୍ରକରଣ ଜ୍ଞାନ** ନାହିଁ । ନଚେତ୍ ଯେଉଁ ସମୟରେ ଯାହା ଆଣିବା ଉଚିତ, ତାହା ଆଣିଥାନ୍ତୁ । ତୋର **ପ୍ରକରଣ** ବିଷୟରେ ବିଚାର କରିବାର ଥିଲା । ତାହା ତୁ କଲୁନାହିଁ । ଏଣୁ ତୁ ମହାମୂର୍ଖ । ଯା' ବାହାରି ଯା' ମୋ ପାଖରୁ ।' ଏଥିରୁ କ'ଣ ନିଷ୍କର୍ଷ ବାହାରିଲା ? ଏଇଆ ଯେ, **ଯେଉଁଠି ଯେଉଁ ଅର୍ଥ ପ୍ରଯୁଜ୍ୟ, ସେଠାରେ ସେହି ଅର୍ଥ ଗ୍ରହଣ କରିବା ବିଧେୟ ।"** ଅତଃ ଆମେ ଓ ଆପଣ ସମସ୍ତେ ଏପରି ହିଁ ମାନିବା ଓ କରିବା ଉଚିତ ।

## ଅଥ ମନ୍ତ୍ରାର୍ଥଃ

**ଓ୩ମ୍ ଖଂ ବ୍ରହ୍ମ ॥୧॥** (ଯଜୁଃ. ୪୦:୧୭)

ଦେଖନ୍ତୁ, ବେଦରେ ଏଭଳି ପ୍ରକରଣରେ **'ଓମ୍'** ଆଦି ପରମେଶ୍ୱରଙ୍କ ନାମ ।

**ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ ॥୨॥** (ଛାନ୍ଦୋଗ୍ୟ. ୧:୧:୧)

**ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନମ୍ ॥୩॥** ( ମାଣ୍ଡୂକ୍ୟ. ୧)

**ସର୍ବେ ବେଦା ଯତ୍ପଦମାମନନ୍ତି ତପାଂସି ସର୍ବାଣି ଚ ଯଦ୍‌ବଦନ୍ତି ।**
**ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି ତତ୍ତେ ପଦଂ ସଂଗ୍ରହେଣ ବ୍ରବୀମ୍ୟୋମିତ୍ୟେତତ୍ ॥୪॥**
(କଠ. ୨:୧୫)

**ପ୍ରଶାସିତାରଂ ସର୍ବେଷାମଣୀୟାଂସମଣୋରପି ।**
**ରୁକ୍ମାଭଂ ସ୍ୱପ୍ନଧୀଗମ୍ୟଂ ବିଦ୍ୟାତ୍ତଂ ପୁରୁଷଂ ପରମ୍ ॥୫॥**
**ଏତମେକେ ବଦନ୍ତ୍ୟଗ୍ନିଂ ମନୁମନ୍ୟେ ପ୍ରଜାପତିମ୍ ।**
**ଇନ୍ଦ୍ରମେକେ ପରେ ପ୍ରାଣମପରେ ବ୍ରହ୍ମ ଶାଶ୍ୱତମ୍ ॥୬॥** (ମନୁ. ୧୨:୧୨୨,୧୨୩)
**ସ ବ୍ରହ୍ମା ସ ବିଷ୍ଣୁଃ ସ ରୁଦ୍ରସ୍‌ସ ଶିବସ୍‌ସୋଽକ୍ଷରସ୍‌ସ ପରମଃ ସ୍ୱରାଟ୍ ।**
**ସ ଇନ୍ଦ୍ରସ୍‌ସ କାଲାଗ୍ନିସ୍‌ସ ଚନ୍ଦ୍ରମାଃ ॥୭॥** (କୈବଲ୍ୟ. ୧:୮)
**ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ ।**
**ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ॥୮॥** (ଋକ୍. ୧:୧୬୪:୪୬)

**ଭୂରସି ଭୂମିରସ୍ୟଦିତିରସି ବିଶ୍ୱଧାୟା ବିଶ୍ୱସ୍ୟ ଭୁବନସ୍ୟ ଧର୍ତ୍ତ୍ରୀ ।**
**ପୃଥିବୀଂ ୟଚ୍ଛ ପୃଥିବୀଂ ଦୃଂହ ପୃଥିବୀଂ ମା ହିଂସୀଃ ॥୯॥** (ୟଜୁଃ. ୧୩:୧୮)
**ଇନ୍ଦ୍ରୋ ମହ୍ନା ରୋଦସୀ ପପ୍ରଥଚ୍ଛବ ଇନ୍ଦ୍ରଃ ସୂର୍ୟ୍ୟମରୋଚୟତ୍ ।**
**ଇନ୍ଦ୍ରେ ହ ବିଶ୍ୱା ଭୁବନାନି ୟେମିର ଇନ୍ଦ୍ରେ ସ୍ୱାନାସ ଇନ୍ଦବଃ ॥୧୦॥**
(ସାମ. ପ୍ରପା. ୭: ତ୍ରିକ ୮: ମନ୍ତ୍ର ୨)

**ପ୍ରାଣାୟ ନମୋ ୟସ୍ୟ ସର୍ବମିଦଂ ବଶେ ।**
**ୟୋ ଭୂତଃ ସର୍ବସ୍ୟେଶ୍ୱରୋ ୟସ୍ମିନ୍ତ୍ସର୍ବଂ ପ୍ରତିଷ୍ଠିତମ୍ ॥୧୧॥** (ଅଥର୍ବ. ୧୧:୪:୧)

**ଅର୍ଥ –** ଏଠାରେ ଏସବୁ ପ୍ରମାଣ ଲେଖିବାର ଉଦ୍ଦେଶ୍ୟ ଏଇଆ ଯେ ଏଭଳି ପ୍ରକରଣରେ 'ଓମ୍' ଆଦି ନାମରେ ପରମାତ୍ମାଙ୍କ ଗ୍ରହଣ ହୁଏ, ଯାହାକି ପୂର୍ବରୁ କୁହାଯାଇଛି । ଦ୍ୱିତୀୟତଃ, ପରମେଶ୍ୱରଙ୍କ କୌଣସି ବି ନାମ ସେଭଳି ନିରର୍ଥକ ନୁହେଁ, ଯେଉଁଭଳି ସଂସାରରେ ନିରର୍ଥକ ନାମ ଦିଆଯାଇଥାଏ; ଯଥା- 'ଦରିଦ୍ର' ଆଦିଙ୍କ ନାମ 'ଧନପତି' ଆଦି । ଏଥିରୁ ଏହା ସିଦ୍ଧ ହେଲା ଯେ ପରମେଶ୍ୱରଙ୍କ ନାମ କେଉଁଠି ଗୌଣିକ, କେଉଁଠି କାର୍ମିକ ଏବଂ କେଉଁଠି ସ୍ୱାଭାବିକ ଅର୍ଥର ବାଚକ ।

'ଓମ୍' ଆଦି ନାମ ସାର୍ଥକ । ଯଥା—**(ଓଂ ଖଂ.) 'ଅବତୀତ୍ୟୋମ୍, ଆକାଶମିବ ବ୍ୟାପକତ୍ୱାତ୍ ଖମ୍, ସର୍ବେଭ୍ୟୋ ବୃହତ୍ତ୍ୱାଦ୍ ବ୍ରହ୍ମ'**— ରକ୍ଷା କରୁଥିବାରୁ ଈଶ୍ୱରଙ୍କ ନାମ **'ଓମ୍'**, ଆକାଶ ଭଳି ବ୍ୟାପକ ହୋଇଥିବା ହେତୁ **'ଖମ୍'** ଏବଂ ସବୁଠୁ ବଡ଼ ହୋଇଥିବା ଯୋଗୁଁ ତାଙ୍କ ନାମ **'ବ୍ରହ୍ମ'** ॥୧॥

**(ଓମିତ୍ୟେତ.)** ଯାହାଙ୍କ ନାମ **'ଓ୩ମ୍'** ଏବଂ ଯାହାଙ୍କର କେବେ ବିନାଶ ନାହିଁ, କେବଳ ତାଙ୍କରି ଉପାସନା କରିବା ବିଧେୟ, ଅନ୍ୟ କାହାରି ନୁହେଁ ॥୨॥

**(ଓମିତ୍ୟେତ.)** ବେଦାଦି ସକଳ ଶାସ୍ତ୍ରରେ ପରମେଶ୍ୱରଙ୍କ ମୁଖ୍ୟ ଓ ନିଜ ନାମ **'ଓ୩ମ୍'** ବୋଲି କୁହାଯାଇଛି । ଈଶ୍ୱରଙ୍କ ଅନ୍ୟ ସମସ୍ତ ନାମ ଗୌଣ ନାମ ॥୩॥

**(ସର୍ବେ ବେଦା.)** ସକଳ ବେଦ, ସମସ୍ତ ଧର୍ମାନୁଷ୍ଠାନ ରୂପକ ତପଶ୍ଚରଣ ଯାହାଙ୍କ ବିଷୟରେ କହନ୍ତି ଓ ଯାହାଙ୍କୁ ସମ୍ମାନ ଦିଅନ୍ତି, ଯାହାଙ୍କ ପ୍ରାପ୍ତିର ଆକାଂକ୍ଷାରେ ବ୍ରହ୍ମଚର୍ଯ୍ୟାଦି ବ୍ରତ ପାଳନ କରାଯାଏ, ତାହାଙ୍କ ନାମ **'ଓମ୍'** ॥୪॥

**(ପ୍ରଶାସିତା.)** ଯିଏ ସମସ୍ତଙ୍କ ଶିକ୍ଷାଦାତା, ସୂକ୍ଷ୍ମାତିସୂକ୍ଷ୍ମ, ସ୍ୱପ୍ରକାଶସ୍ୱରୂପ, ସମାଧିସ୍ଥ ବୁଦ୍ଧିରେ ଜାଣିବା ଯୋଗ୍ୟ, ସେ ପରମ ପୁରୁଷ ଅଟନ୍ତି ॥୫॥

**(ଏତମେକେ.)** ପରମେଶ୍ୱର ପ୍ରକାଶସ୍ୱରୂପ ହୋଇଥିବାରୁ ତାଙ୍କ ନାମ **'ଅଗ୍ନି'**, ବିଜ୍ଞାନସ୍ୱରୂପ ହେବା ହେତୁ **'ମନୁ'**, ସମସ୍ତଙ୍କୁ ପାଳନ କରୁଥିବାରୁ **'ପ୍ରଜାପତି'**, ପରମ ଐଶ୍ୱର୍ଯ୍ୟବାନ୍ ହୋଇଥିବା ଯୋଗୁଁ **'ଇନ୍ଦ୍ର'**, ସମସ୍ତଙ୍କ ଜୀବନର ମୂଳ ଆଧାର ହୋଇଥିବାରୁ **'ପ୍ରାଣ'** ଏବଂ ସର୍ବତ୍ର ବ୍ୟାପକ ହୋଇ ରହିଥିବା କାରଣରୁ ତାଙ୍କ ନାମ **'ବ୍ରହ୍ମ'** ॥୬॥

**(ସ ବ୍ରହ୍ମା ସ ବିଷ୍ଣୁଃ.)** ପରମେଶ୍ୱର ସକଳ ଜଗତର ନିର୍ମାତା ହୋଇଥିବାରୁ **'ବ୍ରହ୍ମା'**, ସର୍ବତ୍ର ବ୍ୟାପକ ହୋଇ ରହିଥିବାରୁ **'ବିଷ୍ଣୁ'**, ଦୁଷ୍ଟଙ୍କୁ ଦଣ୍ଡ ଦେଇ ରୋଦନ କରାଉଥିବା ହେତୁ **'ରୁଦ୍ର'**, ମଙ୍ଗଳମୟ ଓ ସମସ୍ତଙ୍କ କଲ୍ୟାଣକାରୀ ହୋଇଥିବା ହେତୁ **'ଶିବ'** ନାମରେ ନାମିତ । **'ୟଃ ସର୍ବମଶ୍ନୁତେ ନ କ୍ଷରତି ନ ବିନଶ୍ୟତି ସ ଅକ୍ଷରଃ' ॥୧॥ 'ୟଃ ସ୍ୱୟଂ ରାଜତେ ସ ସ୍ୱରାଟ୍' ॥୨॥ 'ୟୋଽଗ୍ନିରିବ କାଲଃ କଲୟିତା ପ୍ରଲୟକର୍ତ୍ତା ସ କାଲାଗ୍ନିରୀଶ୍ୱରଃ' ॥୩॥** **(ଅକ୍ଷରଃ)** ସର୍ବତ୍ର ବ୍ୟାପକ ଓ ଅବିନାଶୀ ହୋଇଥିବାରୁ ତାଙ୍କ ନାମ **'ଅକ୍ଷର'**, **(ସ୍ୱରାଟ୍)** ସ୍ୱୟଂ ପ୍ରକାଶସ୍ୱରୂପ ହୋଇଥିବା ହେତୁ ତାଙ୍କ ନାମ **'ସ୍ୱରାଟ୍'** ଓ **(କାଲାଗ୍ନିଃ)** ପ୍ରଳୟ ସମୟରେ ଅଗ୍ନି ସମ ସମସ୍ତଙ୍କ କାଳ ଏପରିକି କାଳର ବି କାଳ

ହୋଇଥିବା ଯୋଗୁଁ ତାଙ୍କ ନାମ **'କାଳାଗ୍ନି'** ।। ୭ ।।

**(ଇନ୍ଦ୍ରଂ ମିତ୍ରଂ.)** ଇନ୍ଦ୍ରାଦି ଯେତେ ସବୁ ନାମ ଅଛି, ସବୁ ସେହି ଏକ, ଅଦ୍ୱିତୀୟ ସତ୍ୟ ବ୍ରହ୍ମଙ୍କର ହିଁ ଅଟେ । **'ଦ୍ୟୁଷୁ ଶୁଦ୍ଧେଷୁ ପଦାର୍ଥେଷୁ ଭବୋ ଦିବ୍ୟଃ', 'ଶୋଭନାନି ପର୍ଣ୍ଣାନି ପାଲନାନି ପୂର୍ଣ୍ଣାନି କର୍ମାଣି ବା ଯସ୍ୟ ସଃ ସୁପର୍ଣ୍ଣଃ', 'ଯୋ ଗୁର୍ବାତ୍ମା ସ ଗରୁତ୍ମାନ୍' , 'ଯୋ ମାତରିଶ୍ୱା ବାୟୁରିବ ବଲବାନ୍ ସ ମାତରିଶ୍ୱା' । (ଦିବ୍ୟଃ)** ପ୍ରକୃତି ଆଦି ଦିବ୍ୟ ପଦାର୍ଥରେ ବ୍ୟାପକ ହୋଇଥିବା କାରଣରୁ ପରମାତ୍ମାଙ୍କ ନାମ **'ଦିବ୍ୟ', (ସୁପର୍ଣ୍ଣଃ)** ଉତ୍ତମ ପାଳକ ଓ ପୂର୍ଣ୍ଣକର୍ମା ହେତୁ ତାଙ୍କ ନାମ **'ସୁପର୍ଣ୍ଣ', (ଗରୁତ୍ମାନ୍)** ତାଙ୍କର ଆତ୍ମା ବା ସ୍ୱରୂପ ମହାନ୍ ହୋଇଥିବାରୁ ସେ **'ଗରୁତ୍ମାନ୍'** ଏବଂ **(ମାତରିଶ୍ୱା)** ବାୟୁ ଭଳି ଅମିତ ବଳଶାଳୀ ହୋଇଥିବା ଯୋଗୁଁ ତାଙ୍କ ନାମ **'ମାତରିଶ୍ୱା'** । ଏ ମନ୍ତ୍ରରେ ଥିବା ଅନ୍ୟ ନାମଗୁଡ଼ିକର ଅର୍ଥ ଆଗକୁ ଲେଖାଯିବ ।।୮ ।।

**(ଭୂରସି ଭୂମିରସି.) 'ଭବନ୍ତି ଭୂତାନି ଯସ୍ୟାଂ ସା ଭୂଃ ବା ଭୂମିଃ'—** ସକଳ ଭୂତ ଅର୍ଥାତ୍ ପ୍ରାଣୀ ଈଶ୍ୱରଙ୍କ ଆଶ୍ରୟରେ ଥିବାରୁ ତାଙ୍କ ନାମ **'ଭୂ'** ବା **'ଭୂମି'** । ଏ ମନ୍ତ୍ରରେ ଥିବା ଅନ୍ୟ ନାମଗୁଡ଼ିକର ଅର୍ଥ ଆଗକୁ ଲେଖାଯାଉଛି ।। ୯ ।।

**(ଇନ୍ଦ୍ରୋ ମହ୍ନା.)** ଏ ମନ୍ତ୍ରରେ **'ଇନ୍ଦ୍ର'** ପରମେଶ୍ୱରଙ୍କ ହିଁ ନାମ । ଏଣୁ ଏ ପ୍ରମାଣ ଦିଆଯାଇଛି ।। ୧୦ ।।

**(ପ୍ରାଣାୟ.)** ଯେପରି ସମଗ୍ର ଶରୀର, ସମସ୍ତ ଇନ୍ଦ୍ରିୟ ପ୍ରାଣବାୟୁର ବଶୀଭୂତ, ସେହିପରି ସକଳ ଜଗତ ପରମେଶ୍ୱରଙ୍କ ବଶରେ ଅଛି । ତେଣୁ ତାଙ୍କର ନାମ **'ପ୍ରାଣ'** ।। ୧୧ ।।

ଉପରୋକ୍ତ ପ୍ରମାଣରୁ ନାମଗୁଡ଼ିକର ଯଥାର୍ଥ ଅର୍ଥ ପ୍ରକାଶିତ ହେବା ଦ୍ୱାରା ଏ କଥା ସ୍ପଷ୍ଟ ହେଉଛି ଯେ ଏସବୁ ନାମରେ ମୁଖ୍ୟତଃ ପରମେଶ୍ୱରଙ୍କୁ ଗ୍ରହଣ କରାଯାଏ । କାରଣ **'ଓ୩ମ୍'** ଓ **'ଅଗ୍ନି'** ଆଦି ନାମ ମୁଖ୍ୟ ଅର୍ଥରେ ପରମେଶ୍ୱରଙ୍କୁ ହିଁ ବୁଝାଏ, ଯାହାକି ଋଷି-ମୁନି କୃତ ବ୍ୟାକରଣ, ନିରୁକ୍ତ, ବ୍ରାହ୍ମଣ, ସୂତ୍ର ଆଦି ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ । ସମସ୍ତେ ଏହି ଭଳି ହିଁ ଗ୍ରହଣ କରିବା ଉଚିତ । **'ଓ୩ମ୍' ଅନ୍ୟ କୌଣସି ପଦାର୍ଥର ନାମ ନ ହୋଇ କେବଳ ପରମାତ୍ମାଙ୍କ ନାମ ହିଁ ହୋଇଥିବା ବେଳେ 'ଅଗ୍ନି' ଆଦି ନାମରେ ପରମେଶ୍ୱରଙ୍କୁ ଗ୍ରହଣ କରିବାରେ ପ୍ରକରଣ ଓ ବିଶେଷଣ ନିୟାମକ ହୋଇଥାନ୍ତି ।** ଅର୍ଥାତ୍ **ଯେଉଁଠି-ଯେଉଁଠି ସ୍ତୁତି, ପ୍ରାର୍ଥନା, ଉପାସନା ଆଦି ପ୍ରକରଣ ଥାଏ ତଥା ସର୍ବଜ୍ଞ, ବ୍ୟାପକ, ଶୁଦ୍ଧ, ସନାତନ ଓ ସୃଷ୍ଟିକର୍ତ୍ତା ଆଦି ବିଶେଷଣ ଥାଏ, ସେହିସବୁ ସ୍ଥଳରେ ଏସବୁ 'ଅଗ୍ନି' ଆଦି ନାମରେ ପରମେଶ୍ୱରଙ୍କ ଗ୍ରହଣ ହୋଇଥାଏ ।** ଆଉ ଯେଉଁ କ୍ଷେତ୍ରରେ ନିମ୍ନମତେ ପ୍ରକରଣ ଥାଏ—

**ତତୋ ବିରାଡ଼ଜାୟତ ବିରାଜୋଽଅଧି ପୂରୁଷଃ ।** (ଯଜୁଃ. ୩୧:୫)

**ଶ୍ରୋତ୍ରାଦ୍ୱାୟୁଶ୍ଚ ପ୍ରାଣଶ୍ଚ ମୁଖାଦଗ୍ନିରଜାୟତ ।** (ଯଜୁଃ. ୩୧:୧୨)

**ତେନ ଦେବାଽ ଅୟଜନ୍ତ ।** (ଯଜୁଃ. ୩୧:୯)

**ପଶ୍ଚାଦ୍ ଭୂମିମଥୋ ପୁରଃ ।** (ଯଜୁଃ. ୩୧:୫)

**ତସ୍ମାଦ୍ୱା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍‌ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ । ଅଦ୍‌ଭ୍ୟଃ ପୃଥିବୀ । ପୃଥିବ୍ୟା ଓଷଧୟଃ । ଓଷଧିଭ୍ୟୋଽନ୍ନମ୍ । ଅନ୍ନାଦ୍‌ରେତଃ । ରେତସଃ ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ ।।** (ତୈତ୍ତି. ୨:୧)

ଏପରି ପ୍ରକରଣରେ ବିରାଟ୍, ପୁରୁଷ, ଦେବ, ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଆଦି ନାମ ଲୌକିକ ପଦାର୍ଥରେ ହୋଇଥାଏ । କାରଣ **ଯେଉଁ କ୍ଷେତ୍ରରେ ଉତ୍ପତ୍ତି, ସ୍ଥିତି, ପ୍ରଳୟ ଆଦି ବ୍ୟବହାର ତଥା ଅଳ୍ପଜ୍ଞ, ଜଡ଼, ଦୃଶ୍ୟ ଆଦି ବିଶେଷଣ ଉଲ୍ଲେଖ ଥାଏ ସେହି ସ୍ଥାନରେ ଥିବା ନାମ ପରମେଶ୍ୱରଙ୍କୁ ବୁଝାଏ ନାହିଁ, ଯେହେତୁକି ସେ ଉତ୍ପତ୍ତି ଆଦି ବ୍ୟବହାରରୁ ରହିତ ଅର୍ଥାତ୍ ତାଙ୍କର ଉତ୍ପତ୍ତି ଆଦି ହୁଏ ନାହିଁ ।** ଉପରୋକ୍ତ ମନ୍ତ୍ରରେ ସେ ବସ୍ତୁ ସବୁର ଉତ୍ପତ୍ତି ଆଦି

ବିଷୟ ବର୍ଣ୍ଣିତ ଥିବାରୁ ଏଠାରେ 'ବିରାଟ୍', 'ଅଗ୍ନି' ଆଦି ନାମ ଈଶ୍ୱରଙ୍କର ନୁହେଁ, ସାଂସାରିକ ପଦାର୍ଥଗୁଡ଼ିକର । ଅତଏବ **ଯେଉଁ-ଯେଉଁ ସ୍ଥଳରେ ସର୍ବଜ୍ଞ ଆଦି ବିଶେଷଣ ଥାଏ, ସେହି-ସେହି ସ୍ଥାନରେ ପରମାତ୍ମା ଏବଂ ଯେଉଁ ସ୍ଥାନରେ ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଆଦି ବ୍ୟବହାର ଓ ଅଳ୍ପଜ୍ଞ ଇତ୍ୟାଦି ବିଶେଷଣ ଥାଏ, ସେଠାରେ ଜୀବର ଗ୍ରହଣ କରାଯାଏ** ଏହା ସର୍ବଦା ଧ୍ୟାନ ଦେବା ଉଚିତ । ଯେହେତୁ ପରମେଶ୍ୱରଙ୍କର ଜନ୍ମ-ମରଣ ଆଦି ନାହିଁ, ଏଣୁ 'ବିରାଟ୍', 'ଅଗ୍ନି' ଆଦି ନାମ ଜନ୍ମାଦି ବିଶେଷଣଯୁକ୍ତ ଥିଲେ ସେଥିରୁ ଜଗତର ଜଡ଼ ପଦାର୍ଥ ଓ ଜୀବ ଅର୍ଥ ଗ୍ରହଣୀୟ, ପରମେଶ୍ୱର ଅର୍ଥ ଗ୍ରହଣୀୟ ନୁହେଁ ।

'ବିରାଟ୍', 'ଅଗ୍ନି' ଆଦି ନାମର ଅର୍ଥ କେଉଁଭଳି ଭାବେ ପରମେଶ୍ୱର ଅଟେ, ତାହା ନିମ୍ନରେ ଉଲ୍ଲେଖ କରାଯାଇଛି—

## ଅଥ ଓଙ୍କାରାର୍ଥଃ

**'ଅ' କାରରେ ଗୃହୀତ ନାମର ଅର୍ଥ—**

**ବିରାଟ୍ - 'ବି'** ଉପସର୍ଗ ପୂର୍ବକ **'ରାଜୃ ଦୀପ୍ତୌ'** ଧାତୁରେ **'କ୍ୱିପ୍'** ପ୍ରତ୍ୟୟ ଯୋଗରେ **'ବିରାଟ୍'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ବିବିଧଂ ନାମ ଚରାଽଚରଂ ଜଗଦ୍-ରାଜୟତି ପ୍ରକାଶୟତି ସ ବିରାଟ୍'** —ବିବିଧ ଅର୍ଥାତ୍ ବହୁ ପ୍ରକାର ଚରାଚର ଜଗତର ପ୍ରକାଶକ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ବିରାଟ୍'** ।

**ଅଗ୍ନି - 'ଅଞ୍ଚୁ ଗତିପୂଜନୟୋଃ'** ତଥା **'ଅଗ', 'ଅଗି', 'ଇଣ୍'** ଗତ୍ୟର୍ଥକ ଧାତୁ ଅଟନ୍ତି । ଏସବୁ ଧାତୁରୁ **'ଅଗ୍ନି'** ଶବ୍ଦ ଉତ୍ପନ୍ନ ହୁଏ । **'ଗତେସ୍ତ୍ରୟୋଽର୍ଥାଃ - ଜ୍ଞାନଂ ଗମନଂ ପ୍ରାପ୍ତିଶ୍ଚେତି । ପୂଜନଂ ନାମ ସତ୍କାରଃ'** । ଗତିର ତିନୋଟି ଅର୍ଥ - ଜ୍ଞାନ, ଗମନ ଓ ପ୍ରାପ୍ତି । ପୂଜନର ଅର୍ଥ ସତ୍କାର । ଅତଃ **'ଯୋଽଞ୍ଚତି, ଅଚ୍ୟତେଽଗତି-ଅଙ୍ଗତ୍ୟେତି ବା ସୋଽୟମଗ୍ନିଃ'** — ଯିଏ ଜ୍ଞାନସ୍ୱରୂପ, ସର୍ବଜ୍ଞ ତଥା ଜାଣିବା, ପ୍ରାପ୍ତ କରିବା ଓ ପୂଜା କରିବା ଯୋଗ୍ୟ, ସେହି ପରମେଶ୍ୱରଙ୍କ ନାମ **'ଅଗ୍ନି'** ।

**ବିଶ୍ୱ - 'ବିଶ ପ୍ରବେଶନେ'** ଧାତୁରୁ **'ବିଶ୍ୱ'** ଶବ୍ଦ ନିଷ୍ପନ୍ନ । **'ବିଶନ୍ତି ପ୍ରବିଷ୍ଟାନି ସନ୍ତି ସର୍ବାଣି-ଆକାଶାଦୀନି ଭୂତାନି ଯସ୍ମିନ୍, ଯୋ ବାଽଽକାଶାଦିଷୁ ସର୍ବେଷୁ ଭୂତେଷୁ ପ୍ରବିଷ୍ଟଃ ସ ବିଶ୍ୱ ଈଶ୍ୱରଃ'** — ଆକାଶାଦି ସମସ୍ତ ଭୂତ ଯାହାଙ୍କଠାରେ ପ୍ରବେଶ କରିଅଛନ୍ତି, ଅଥବା ଯିଏ ବ୍ୟାପକ ହୋଇଥିବା ହେତୁ ଏସବୁରେ ପ୍ରବିଷ୍ଟ ହୋଇ ରହିଛନ୍ତି, ସେହି ପରମେଶ୍ୱରଙ୍କ ନାମ **'ବିଶ୍ୱ'** ।

**'ଉ' କାରରେ ଗୃହୀତ ନାମର ଅର୍ଥ —**

**ହିରଣ୍ୟଗର୍ଭ - 'ଜ୍ୟୋତିର୍ବୈ ହିରଣ୍ୟମ୍, ତେଜୋ ବୈ ହିରଣ୍ୟମ୍'** — ଇତ୍ୟୈତରେୟଶତପଥବ୍ରାହ୍ମଣେ ।

(ଐ.ବ୍ରା.୭:୧୨,ଶତ.୬:୭:୧:୨)

**'ହିରଣ୍ୟାନି ସୂର୍ଯ୍ୟାଦୀନି ତେଜାଂସି ଗର୍ଭେ ଯସ୍ୟ ସ ହିରଣ୍ୟଗର୍ଭଃ'** ଅଥବା **'ଯୋ ହିରଣ୍ୟାନାଂ ସୂର୍ଯ୍ୟାଦୀନାଂ ତେଜସାଂ ଗର୍ଭ ଉତ୍ପତ୍ତିନିମିତ୍ତମଧିକରଣଂ ସ ହିରଣ୍ୟଗର୍ଭଃ'** —ସୂର୍ଯ୍ୟାଦି ତେଜୋମୟ ଲୋକ ଯାହାଙ୍କଠାରେ ଉତ୍ପନ୍ନ ହୋଇ, ଯାହାଙ୍କ ଆଧାରରେ ରହନ୍ତି ଅଥବା ଯିଏ ସୂର୍ଯ୍ୟାଦି ତେଜଃସ୍ୱରୂପ ପଦାର୍ଥମାନଙ୍କର ଗର୍ଭ ଅର୍ଥାତ୍ ଉତ୍ପତ୍ତି ଓ ନିବାସ ସ୍ଥାନ, ସେହି ପରମେଶ୍ୱରଙ୍କ ନାମ **'ହିରଣ୍ୟଗର୍ଭ'** । ଏ ସମ୍ବନ୍ଧରେ ଯଜୁର୍ବେଦର ମନ୍ତ୍ର ପ୍ରମାଣ ଅଛି —

**ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକଽ ଆସୀତ୍ ।**
**ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥** (ଯଜୁଃ. ୧୩:୪)

ଏପରି ସ୍ଥଳରେ **'ହିରଣ୍ୟଗର୍ଭ'** ଶବ୍ଦରେ ପରମେଶ୍ୱରଙ୍କୁ ଗ୍ରହଣ କରାଯାଏ ।

**ବାୟୁ** –**'ବା ଗତିଗନ୍ଧନୟୋଃ'** ଧାତୁରୁ **'ବାୟୁ'** ଶବ୍ଦର ଉତ୍ପତ୍ତି । **ଗନ୍ଧନଂ ହିଂସନମ୍ । 'ୟୋ ବାତି ଚରାଽଚରଂ ଜଗଦ୍ଧରତି ଜୀବୟତି ପ୍ରଲୟତି ବା ବଲିନାଂ ବଲିଷ୍ଠଃ ସ ବାୟୁଃ'** — ଯିଏ ଚରାଚର ଜଗତକୁ ଧାରଣ, ପାଳନ ଓ ପ୍ରଳୟ କରନ୍ତି ଏବଂ ସମସ୍ତ ବଳବାନଙ୍କଠାରୁ ବଳବାନ୍, ସେହି ଈଶ୍ୱରଙ୍କ ନାମ **'ବାୟୁ'** ।

**ତୈଜସ** – **'ତିଜ ନିଶାନେ'** ଧାତୁରୁ **'ତେଜଃ'** ଏବଂ ତହିଁରେ ତଦ୍ଧିତ ପ୍ରତ୍ୟୟ କଲେ **'ତୈଜସ'** ଶବ୍ଦ ଉତ୍ପନ୍ନ ହୁଏ । ଯେହେତୁ ଈଶ୍ୱର ସ୍ୱୟଂପ୍ରକାଶ ଓ ସୂର୍ଯ୍ୟାଦି ତେଜସ୍ୱୀ ଲୋକର ପ୍ରକାଶକ, ଏଣୁ ଈଶ୍ୱରଙ୍କ ନାମ **'ତୈଜସ'** ।

**'ମ'କାରରେ ଗୃହୀତ ନାମର ଅର୍ଥ—**

**ଈଶ୍ୱର** – **'ଈଶ ଐଶ୍ୱର୍ଯ୍ୟେ'** ଧାତୁରୁ **'ଈଶ୍ୱର'** ଶବ୍ଦ ସିଦ୍ଧ ହୁଏ । **'ୟ ଇଷ୍ଟେ ସର୍ବୈଶ୍ୱର୍ୟବାନ୍ ବର୍ତ୍ତତେ ସ ଈଶ୍ୱରଃ'** — ଯାହାଙ୍କର ସତ୍ୟ ବିଚାର-ଶୀଳ-ଜ୍ଞାନ ଓ ଅନନ୍ତ ଐଶ୍ୱର୍ଯ୍ୟ ଅଛି, ଏଣୁ ସେହି ପରମାତ୍ମାଙ୍କ ନାମ **'ଈଶ୍ୱର'** ।

**ଆଦିତ୍ୟ** –**'ଦୋ ଅବଖଣ୍ଡନେ'** ଧାତୁରୁ **'ଅଦିତି'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ ଯୋଗରେ **'ଆଦିତ୍ୟ'** ଶବ୍ଦ ନିଷ୍ପନ୍ନ । **'ଅବଖଣ୍ଡନଂ ନାମ ବିନାଶଃ'। 'ନ ବିଦ୍ୟତେ ବିନାଶୋ ୟସ୍ୟ ସୋଽୟମଦିତିଃ, ଅଦିତିରେବ ଆଦିତ୍ୟଃ'** — ଯାହାଙ୍କର କେବେ ବିନାଶ ନାହିଁ, ତାହାଙ୍କୁ ଅଦିତି କୁହାଯାଏ । ଅଦିତି ହିଁ ଆଦିତ୍ୟ । ଅତଃ ବିନାଶ ରହିତ ସେହି ଈଶ୍ୱରଙ୍କ ନାମ **'ଆଦିତ୍ୟ'** ।

**ପ୍ରାଜ୍ଞ** – **'ପ୍ର'** ଉପସର୍ଗ ପୂର୍ବକ **'ଜ୍ଞା ଅବବୋଧନେ'** ଧାତୁରୁ **'ପ୍ରଜ୍ଞ'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ କଲେ **'ପ୍ରାଜ୍ଞ'** ଶବ୍ଦ ସିଦ୍ଧ ହୁଏ । **'ୟଃ ପ୍ରକୃଷ୍ଟତୟା ଚରାଽଚରସ୍ୟ ଜଗତୋ ବ୍ୟବହାରଂ ଜାନାତି ସ ପ୍ରଜ୍ଞଃ, ପ୍ରଜ୍ଞ ଏବ ପ୍ରାଜ୍ଞଃ'** — ଯିଏ ଅଭ୍ରାନ୍ତ ଜ୍ଞାନଯୁକ୍ତ, ସକଳ ଚରାଚର ଜଗତର ବ୍ୟବହାରକୁ ଯଥାଯଥ ଭାବେ ଜାଣନ୍ତି, ସେହି ଈଶ୍ୱର **'ପ୍ରଜ୍ଞ'** ଅଟନ୍ତି । ପ୍ରଜ୍ଞଙ୍କୁ ହିଁ ପ୍ରାଜ୍ଞ କୁହାଯାଏ । ଏଣୁ ସେହି ଈଶ୍ୱରଙ୍କ ନାମ **'ପ୍ରାଜ୍ଞ'** ।

ଯେପରି 'ଅ' ଆଦି ଏକ-ଏକ ଅକ୍ଷରର ତିନୋଟି ଲେଖାଏଁ ଅର୍ଥ ଏଠାରେ ବ୍ୟାଖ୍ୟାନ କରାଗଲା, ସେପରି ହିଁ ଅନ୍ୟ ନାମର ଅର୍ଥ ବି ଓଂକାରରୁ ଜଣାଯାଏ ।

## ପ୍ରଥମ ମନ୍ତ୍ରର ଅର୍ଥ

**(ଶନ୍ନୋ ମିତ୍ରଃ ଶଂ ବରୁଣଃ..)** ଏହି ମନ୍ତ୍ରରେ ଯେଉଁ 'ମିତ୍ର' ଆଦି ନାମ ରହିଛି, ସେସବୁ ବି ପରମେଶ୍ୱରଙ୍କ ନାମ ବିଶେଷ । କାରଣ ସ୍ତୁତି, ପ୍ରାର୍ଥନା, ଉପାସନା ଶ୍ରେଷ୍ଠଙ୍କର ହିଁ କରାଯାଏ । ଶ୍ରେଷ୍ଠ ତାଙ୍କୁ କୁହାଯାଏ, ଯିଏକି ଗୁଣ, କର୍ମ, ସ୍ୱଭାବ ଓ ସତ୍ୟ ବ୍ୟବହାରରେ ସମସ୍ତଙ୍କଠୁଁ ଅଧିକ । ସେ ସକଳ ଶ୍ରେଷ୍ଠଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ ତାଙ୍କୁ ପରମେଶ୍ୱର କୁହାଯାଏ; ଯାହାଙ୍କ ତୁଲ୍ୟ କି ଅତୀତରେ କେହି ନଥିଲେ, ବର୍ତ୍ତମାନ କେହି ନାହାନ୍ତି ଓ ଭବିଷ୍ୟତରେ ବି କେହି ହୋଇପାରିବେ ନାହିଁ । ଯେତେବେଳେ ତାଙ୍କ ସମକକ୍ଷ ହିଁ କେହି ନାହାନ୍ତି, ସେତେବେଳେ ତାଙ୍କଠୁ ଅଧିକ କେମିତି କିଏ ହୋଇପାରିବ ? ପରମେଶ୍ୱରଙ୍କ ଯେପରି ସତ୍ୟ, ନ୍ୟାୟ, ଦୟା, ସର୍ବଶକ୍ତିମତ୍ତା ଓ ସର୍ବଜ୍ଞତା ଆଦି ଅନନ୍ତ ଗୁଣ ଅଛି, ଅନ୍ୟ କୌଣସି ଜଡ଼ ପଦାର୍ଥ କି ଜୀବର ସେପରି ନାହିଁ । ଯେଉଁ ପଦାର୍ଥ ସତ୍ୟ, ତା'ର ଗୁଣ-କର୍ମ-ସ୍ୱଭାବ ବି ସତ୍ୟ ହୋଇଥାଏ । ଏଣୁ ପରମେଶ୍ୱରଙ୍କ ହିଁ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ସମସ୍ତଙ୍କ କର୍ତ୍ତବ୍ୟ, ଅନ୍ୟ କାହାରି ନୁହେଁ । ଯେହେତୁ ବ୍ରହ୍ମା, ବିଷ୍ଣୁ, ମହାଦେବ ଆଦି ପୂର୍ବଜ ମହାତ୍ମା ବିଦ୍ୱାନ୍‌ଗଣ, ଦୈତ୍ୟ-ଦାନବାଦି ନିକୃଷ୍ଟ ବ୍ୟକ୍ତି ଏବଂ ଅନ୍ୟ ସାଧାରଣ ମନୁଷ୍ୟଗଣ ବି ପରମେଶ୍ୱରଙ୍କୁ ହିଁ ବିଶ୍ୱାସ କରି ତାଙ୍କରି ସ୍ତୁତି, ପ୍ରାର୍ଥନା ଓ ଉପାସନା କରିଛନ୍ତି, ତାଙ୍କଠୁ ଭିନ୍ନର କରିନାହାନ୍ତି; ତେଣୁ ଆମେ ମଧ୍ୟ ସେହି ଏକ ଈଶ୍ୱରଙ୍କୁ ହିଁ ଉପାସନାଦି କରିବା ଉଚିତ । ଏହାର ବିସ୍ତୃତ ବିବେଚନା 'ଉପାସନା' ଓ 'ମୁକ୍ତି' ବିଷୟରେ କରାଯିବ ।

**ପ୍ରଶ୍ନ** – 'ମିତ୍ର' ଶବ୍ଦ ସଖା ନିମନ୍ତେ ଏବଂ 'ଇନ୍ଦ୍ର' ଆଦି ଶବ୍ଦ ଦେବତାମାନଙ୍କ ପାଇଁ ମୁଖ୍ୟତଃ ବ୍ୟବହାର

ହେଉଥିବା ସଂସାରରେ ଦେଖାଯାଏ । ଏଣୁ ଏସବୁ ଶବ୍ଦରେ ସେହି ବହୁଳ ଭାବେ ଗୃହୀତ ଅର୍ଥକୁ ଗ୍ରହଣ କରାଯିବା ଉଚିତ ।

**ଉତ୍ତର –** ଏଠାରେ ଏସବୁ ଶବ୍ଦରେ ସେମାନଙ୍କୁ ଗ୍ରହଣ କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଜଣେ ବ୍ୟକ୍ତି କାହାର ମିତ୍ର ତ ଆଉ କାହାର ଶତ୍ରୁ ଏବଂ ଅନ୍ୟ କାହା ପ୍ରତି ଉଦାସୀନ ଅର୍ଥାତ୍ ନା ମିତ୍ର ନା ଶତ୍ରୁ ହୋଇଥିବା ଦେଖିବାକୁ ମିଳେ । ଏଣୁ 'ମିତ୍ର' ଶବ୍ଦରେ ମୁଖ୍ୟ ଅର୍ଥରେ ସାଂସାରିକ ସଖା ଆଦିଙ୍କୁ ଗ୍ରହଣ କରାଯାଇପାରିବ ନାହିଁ । **କେବଳ ପରମେଶ୍ୱର ହିଁ ସକଳ ଜଗତର ନିଶ୍ଚିତ ମିତ୍ର, ସେ କାହାରି ଶତ୍ରୁ ନୁହନ୍ତି କି କାହା ପ୍ରତି ଉଦାସୀନ ନୁହନ୍ତି ।** ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ବି ଏଭଳି କଦାପି ହୋଇପାରିବ ନାହିଁ । ଏଣୁ ଏଠାରେ 'ମିତ୍ର' ଶବ୍ଦରେ ମୁଖ୍ୟ ରୂପେ ପରମାତ୍ମାଙ୍କୁ ହିଁ ଗ୍ରହଣ କରାଯାଏ । ହଁ, ଗୌଣ ଅର୍ଥରେ ମିତ୍ରାଦି ଶବ୍ଦ ସାଂସାରିକ ସଖା ଆଦିଙ୍କୁ ବୁଝାଇଥାଏ ।

**'ଞିମିଦା ସ୍ନେହନେ'** ଧାତୁରେ ଔଣାଦିକ **'କ୍ତ୍ର'** ପ୍ରତ୍ୟୟ ଯୋଗରେ ମିତ୍ର ଶବ୍ଦ ସିଦ୍ଧ ହୁଏ । **'ମେଦ୍ୟତି ମେଦତେ, ସ୍ନିହ୍ୟତି ସ୍ନିହ୍ୟତେ ବା ସ ମିତ୍ରଃ'** — ଯିଏ ସମସ୍ତଙ୍କୁ ସ୍ନେହ କରନ୍ତି ଏବଂ ସମସ୍ତଙ୍କ ସ୍ନେହର ଯୋଗ୍ୟ, ସେହି ପରମେଶ୍ୱର ସମସ୍ତଙ୍କ ସଚ୍ଚା 'ମିତ୍ର' ଅଟନ୍ତି । ଏଣୁ ସେ ପରମେଶ୍ୱରଙ୍କ ନାମ **'ମିତ୍ର'** ।

**'ବୃଞ୍ ବରଣେ'** ଓ **'ବର ଈପ୍ସାୟାମ୍'** ଏ ଦୁଇ ଧାତୁରେ ଉଣାଦି **'ଉନନ୍'** ପ୍ରତ୍ୟୟ କଲେ **'ବରୁଣ'** ଶବ୍ଦ ତିଆରି ହୁଏ । **'ୟଃ ସର୍ବାନ୍ ଶିଷ୍ଟାନ୍ ମୁମୁକ୍ଷୂନ୍ ଧର୍ମାତ୍ମନୋ ବୃଣୋତି, ଅଥବା ୟଃ ଶିଷ୍ଟୈର୍ମୁମୁକ୍ଷୁଭିର୍ଧର୍ମାତ୍ମଭି – ର୍ବ୍ରିୟତେ ବର୍ୟ୍ୟତେ ବା ସ ବରୁଣଃ ପରମେଶ୍ୱରଃ'** — ଯିଏ ଆପ୍ତ, ଯୋଗୀ, ବିଦ୍ୱାନ୍, ମୁକ୍ତିକାମୀ, ମୁକ୍ତ ଓ ଧର୍ମାତ୍ମାଙ୍କୁ ବରଣ ଅର୍ଥାତ୍ ସ୍ୱୀକାର କରନ୍ତି; ଅଥବା ଯିଏ ଶିଷ୍ଟ, ମୁମୁକ୍ଷୁ, ମୁକ୍ତ ଓ ଧର୍ମାତ୍ମାଙ୍କ ଦ୍ୱାରା ବରଣୀୟ ଅଟନ୍ତି, ସିଏ **'ବରୁଣ'** ନାମଧାରୀ ଈଶ୍ୱର । ଅଥବା **'ବରୁଣୋ ନାମ ବରଃ ଶ୍ରେଷ୍ଠଃ'** — ଯେହେତୁ ପରମେଶ୍ୱର ସର୍ବଶ୍ରେଷ୍ଠ, ତେଣୁ ତାଙ୍କ ନାମ **'ବରୁଣ'** ।

**'ଋ ଗତିପ୍ରାପଣୟୋଃ'** ଧାତୁରେ **'ୟତ୍'** ପ୍ରତ୍ୟୟ ଯୋଗ କଲେ **'ଅର୍ଯ୍ୟ'** ଶବ୍ଦ ସିଦ୍ଧ ହୁଏ । **'ଅର୍ଯ୍ୟ'** ପୂର୍ବକ **'ମାଙ୍ ମାନେ'** ଧାତୁରେ **'କନିନ୍'** ପ୍ରତ୍ୟୟ ଯୋଗ ହୋଇ **'ଅର୍ଯ୍ୟମା'** ଶବ୍ଦ ଗଠିତ ହୋଇଛି । **'ୟୋଽର୍ଯ୍ୟାନ୍ ସ୍ୱାମିନୋ ନ୍ୟାୟାଧୀଶାନ୍ ମିମୀତେ ମାନ୍ୟାନ୍ କରୋତି ସୋଽର୍ଯ୍ୟମା'** — ଯିଏ ସତ୍ୟ-ନ୍ୟାୟ ଆଚରଣକାରୀ ମନୁଷ୍ୟମାନଙ୍କୁ ମାନ-ସମ୍ମାନ ପ୍ରଦାନ କରନ୍ତି ଏବଂ ପାପ ଓ ପୁଣ୍ୟ କର୍ତ୍ତାଙ୍କୁ ନିୟମପୂର୍ବକ ଯଥାଯଥ ଭାବେ ପାପ ଓ ପୁଣ୍ୟର ଫଳ ପ୍ରଦାନ କରନ୍ତି, ସେ ଈଶ୍ୱରଙ୍କ ନାମ **'ଅର୍ଯ୍ୟମା'** ।

**'ଇଦି ପରମୈଶ୍ୱର୍ୟ୍ୟେ'** ଧାତୁରେ **'ରନ୍'** ପ୍ରତ୍ୟୟ ଯୋଗ କଲେ **'ଇନ୍ଦ୍ର'** ଶବ୍ଦ ଉତ୍ପନ୍ନ ହୁଏ । **'ୟ ଇନ୍ଦତି ପରମୈଶ୍ୱର୍ୟ୍ୟବାନ୍ ଭବତି ସ ଇନ୍ଦ୍ରଃ ପରମେଶ୍ୱରଃ'** — ଯିଏ ଅଖିଳ ଐଶ୍ୱର୍ଯ୍ୟସମ୍ପନ୍ନ, ସେ **'ଇନ୍ଦ୍ର'** । ଈଶ୍ୱର ସକଳ ଐଶ୍ୱର୍ଯ୍ୟବାନ୍ ହୋଇଥିବାରୁ ତାଙ୍କ ନାମ **'ଇନ୍ଦ୍ର'** ।

**'ବୃହତ୍'** ଶବ୍ଦ ପୂର୍ବକ **'ପା ରକ୍ଷଣେ'** ଧାତୁରେ **'ଡତି'** ପ୍ରତ୍ୟୟ କଲେ, 'ବୃହତ୍'ର 'ତ'କାର ଲୋପ ଓ 'ସୁଟ୍' ଆଗମ ହୋଇ **'ବୃହସ୍ପତି'** ଶବ୍ଦ ସିଦ୍ଧ ହୁଏ । **'ୟୋ ବୃହତାମାକାଶାଦୀନାଂ ପତିଃ ସ୍ୱାମୀ ପାଲୟିତା ସ ବୃହସ୍ପତିଃ'**— ଯିଏ ବୃହତ୍‌ରୁ ବି ବୃହତ୍, ସର୍ବବୃହତ୍ ଏବଂ ବିରାଟ ଆକାଶାଦି ବ୍ରହ୍ମାଣ୍ଡଗୁଡ଼ିକର ସ୍ୱାମୀ, ସେ ଈଶ୍ୱରଙ୍କ ନାମ **'ବୃହସ୍ପତି'** ।

**'ବିଷ୍ଲୃ ବ୍ୟାପ୍ତୌ'** ଧାତୁରେ **'ନୁ'** ପ୍ରତ୍ୟୟ ଯୁକ୍ତ ହୋଇ **'ବିଷ୍ଣୁ'** ଶବ୍ଦ ନିଷ୍ପନ୍ନ । **'ବେବେଷ୍ଟି ବ୍ୟାପ୍ନୋତି ଚରାଽଚରଂ ଜଗତ୍ ସ ବିଷ୍ଣୁଃ ପରମାତ୍ମା'** – ଚର ଓ ଅଚର ରୂପକ ଜଗତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ **'ବିଷ୍ଣୁ'** ।

**'ଉରୁର୍ମହାନ୍ କ୍ରମଃ ପରାକ୍ରମୋ ୟସ୍ୟ ସ ଉରୁକ୍ରମଃ'**— ଅନନ୍ତ ପରାକ୍ରମଯୁକ୍ତ ହୋଇଥିବା ହେତୁ ପରମାତ୍ମାଙ୍କ ନାମ **'ଉରୁକ୍ରମ'** ।

ଯେଉଁ ପରମାତ୍ମା **(ଉରୁକ୍ରମଃ)** ମହାପରାକ୍ରମଯୁକ୍ତ, **(ମିତ୍ରଃ)** ସମସ୍ତଙ୍କ ସୁହୃଦ୍, ଅବିରୋଧୀ ଅଟନ୍ତି, ସେ **(ଶମ୍)** ସୁଖକାରକ, ସେ **(ବରୁଣଃ)** ସର୍ବୋତ୍ତମ, ସେ **(ଶମ୍)** ସୁଖସ୍ୱରୂପ, ସେ **(ଅର୍ଯ୍ୟମା ଶମ୍)** ସୁଖପ୍ରଚାରକ, ସେ **(ଇନ୍ଦ୍ରଃ ଶମ୍)** ସକଳ ଐଶ୍ୱର୍ଯ୍ୟଦାୟକ, ସେ **(ବୃହସ୍ପତିଃ)** ସମସ୍ତଙ୍କ ଅଧିଷ୍ଠାତା, ବିଦ୍ୟାପ୍ରଦ ଏବଂ ଯିଏ **(ବିଷ୍ଣୁଃ)** ସବୁରେ ବ୍ୟାପକ ପରମେଶ୍ୱର, ସେ **(ନଃ)** ଆମର **(ଶମ୍)** କଲ୍ୟାଣକାରୀ **(ଭବତୁ)** ହୁଅନ୍ତୁ ।

**(ବାୟୋ ତେ ବ୍ରହ୍ମଣେ ନମୋଽସ୍ତୁ)** **'ବୃହ ବୃହି ବୃଦ୍ଧୌ'** ଏ ଧାତୁରୁ **'ବ୍ରହ୍ମ'** ଶବ୍ଦ ନିଷ୍ପନ୍ନ । ଯିଏ ସର୍ବୋପରି ବିରାଜମାନ, ସର୍ବବୃହତ୍, ଅନନ୍ତ ବଳଯୁକ୍ତ ପରମାତ୍ମା, ସେହି ବ୍ରହ୍ମଙ୍କୁ ଆମେ ନମସ୍କାର କରୁଅଛୁ । ହେ ପରମେଶ୍ୱର ! **(ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି)** ଆପଣ ହିଁ ଅନ୍ତର୍ଯ୍ୟାମୀରୂପରେ ପ୍ରତ୍ୟକ୍ଷ ବ୍ରହ୍ମ ଅଟନ୍ତି । **(ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି)** ମୁଁ ଆପଣଙ୍କୁ ହିଁ ପ୍ରତ୍ୟକ୍ଷ ବ୍ରହ୍ମ ବୋଲି କହିବି, କାରଣ ଆପଣ ସବୁ ସ୍ଥାନରେ ବ୍ୟାପ୍ତ ହୋଇ ସମସ୍ତଙ୍କୁ ସଦା-ସର୍ବଦା ପ୍ରାପ୍ତ ହୋଇଅଛନ୍ତି, **(ଋତଂ ବଦିଷ୍ୟାମି)** ଆପଣଙ୍କ ଯେଉଁ ବେଦୋକ୍ତ ଯଥାର୍ଥ ଆଜ୍ଞା ଅଛି, ତାକୁ ମୁଁ ସମସ୍ତଙ୍କୁ ଉପଦେଶ ଦେବି ଓ ଆଚରଣ ବି କରିବି, **(ସତ୍ୟଂ ବଦିଷ୍ୟାମି)** ସତ୍ୟ କହିବି, ସତ୍ୟ ମାନିବି ଓ ସତ୍ୟ ଆଚରଣ ହିଁ କରିବି । **(ତନ୍ମାମବତୁ)** ସେହି(ଆପଣ) ମୋତେ ରକ୍ଷା କରନ୍ତୁ । **(ତଦ୍‌ବକ୍ତାରମବତୁ)** ସେହି(ଆପଣ) ମୋତେ, ଆପ୍ତ ସତ୍ୟବକ୍ତାଙ୍କୁ, ରକ୍ଷା କରନ୍ତୁ ଯଦ୍ୱାରାକି ମୋ ବୁଦ୍ଧି ଆପଣଙ୍କ ଆଜ୍ଞାରେ ସ୍ଥିର ହୋଇ ରହୁ, କେବେ ବି ବିରୁଦ୍ଧ ନ ହେଉ । କାରଣ **ଯାହା ଆପଣଙ୍କ ଆଜ୍ଞା, ତାହା ହିଁ ଧର୍ମ ଓ ଯାହା ଆପଣଙ୍କ ଆଜ୍ଞାର ବିରୁଦ୍ଧ ତାହା ଅଧର୍ମ । (ଅବତୁ ମାମବତୁ ବକ୍ତାରମ୍)** ଏହି ଦ୍ୱିତୀୟ ଥର ପାଠ ପ୍ରୟୋଜନର ଆଧିକ୍ୟ ଓ ଦୃଢ଼ତା ନିମନ୍ତେ । ଯଥା— **'କଶ୍ଚିତ୍ କଞ୍ଚିତ୍ ପ୍ରତି ବଦତି ତ୍ୱଂ ଗ୍ରାମଂ ଗଚ୍ଛ, ଗଚ୍ଛ'** । ଏଠାରେ କ୍ରିୟାର ଦୁଇ ଥର ଉଚ୍ଚାରଣ 'ଗଚ୍ଛ ଗଚ୍ଛ' ଦ୍ୱାରା ତୁମେ 'ଅତି ଶୀଘ୍ର' ଗ୍ରାମକୁ ଯାଅ, ଏପରି ଭାବନା ପ୍ରକଟିତ ହୁଏ । ଏପରି ହିଁ ଏହି ମନ୍ତ୍ରାଂଶରେ ଯେ 'ଆପଣ ମୋତେ ନିଶ୍ଚିତ ରକ୍ଷା କରନ୍ତୁ' ଅର୍ଥାତ୍ 'ମୁଁ ଧର୍ମରେ ଅବିଚଳିତ, ସୁଦୃଢ଼ ହୋଇ ରହେ ଓ ଅଧର୍ମକୁ ସଦା ଘୃଣା କରେ, ଏପରି କୃପା ମୋ ଉପରେ କରନ୍ତୁ ।' ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

**(ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ)** ଏଠାରେ ତିନି ଥର ଶାନ୍ତିପାଠ କରିବାର ଅଭିପ୍ରାୟ ହେଲା ଯେ ଏ ସଂସାରରେ ତ୍ରିବିଧ ତାପ ଅର୍ଥାତ୍ ତିନି ପ୍ରକାର ଦୁଃଖ ଅଛି— ଏକ **'ଆଧ୍ୟାତ୍ମିକ'**, ଯାହାକି ଆତ୍ମାରେ ଅବିଦ୍ୟା, ରାଗ, ଦ୍ୱେଷ, ମୂର୍ଖତା ଆଦି ଏବଂ ଶରୀରରେ ଜ୍ୱର, ପୀଡ଼ା ଆଦି ଯୋଗୁଁ ହୋଇଥାଏ । ଦ୍ୱିତୀୟଟି **'ଆଧିଭୌତିକ'** ଯାହାକି ଶତ୍ରୁ, ବ୍ୟାଘ୍ର ଓ ସର୍ପ ଆଦିଙ୍କଠାରୁ ପ୍ରାପ୍ତ ହୁଏ । ତୃତୀୟଟି **'ଆଧିଦୈବିକ'** ଅର୍ଥାତ୍ ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତିଉଷ୍ମ ଏବଂ ମନ ଓ ଇନ୍ଦ୍ରିୟାଦିର ଅଶାନ୍ତି ଯୋଗୁଁ ଯେଉଁ ଦୁଃଖ ପ୍ରାପ୍ତ ହୋଇଥାଏ । ଏ ତିନି ପ୍ରକାର କ୍ଳେଶରୁ ଆପଣ ଆମକୁ ଦୂରେଇ ରଖି କଲ୍ୟାଣକାରକ କର୍ମରେ ସର୍ବଦା ପ୍ରବୃତ୍ତ ରଖନ୍ତୁ । କାରଣ ଆପଣ ହିଁ କଲ୍ୟାଣସ୍ୱରୂପ, ସମଗ୍ର ସଂସାରର କଲ୍ୟାଣକାରୀ ଓ ଧାର୍ମିକ ମୁମୁକ୍ଷୁଙ୍କୁ କଲ୍ୟାଣଦାତା ଅଟନ୍ତି । ଅତଏବ ଆପଣ ସ୍ୱକୀୟ କରୁଣାରେ ସମସ୍ତ ଜୀବଙ୍କ ହୃଦୟରେ ସ୍ୱୟଂ ପ୍ରକାଶିତ ହୁଅନ୍ତୁ ଯଦ୍ୱାରା କି ସକଳ ଜୀବ ଅଧର୍ମ ତ୍ୟାଗ ଓ ଧର୍ମର ଆଚରଣ କରି ପରମାନନ୍ଦ ପ୍ରାପ୍ତ କରନ୍ତୁ ଓ ଦୁଃଖରୁ ଦୂରରେ ରହନ୍ତୁ ।

**'ସୂର୍ଯ୍ୟଃ ଆତ୍ମା ଜଗତସ୍ତସ୍ଥୁଷଶ୍ଚ' ।** (ଯଜୁଃ. ୭:୪୨)

ଯଜୁର୍ବେଦର ଏହି ମନ୍ତ୍ରାଂଶ ଅନୁସାରେ ଯେଉଁ **'ଜଗତ୍'** ଅର୍ଥାତ୍ ପ୍ରାଣୀ, ଚେତନ ଓ ଜଂଗମ ଅର୍ଥାତ୍ ଚର, ଗତି କରୁଥିବା ସତ୍ତା ଏବଂ **'ତସ୍ଥୁଷଃ'** ଅର୍ଥାତ୍ ଅପ୍ରାଣୀ, ସ୍ଥାବର, ଜଡ଼ ଅର୍ଥାତ୍ ପୃଥିବୀ ଆଦି ରହିଛି, ସେସବୁର ଆତ୍ମା ହୋଇଥିବାରୁ ତଥା ସ୍ୱପ୍ରକାଶରୂପ ହୋଇ ସମସ୍ତଙ୍କୁ ପ୍ରକାଶିତ କରୁଥିବାରୁ ପରମେଶ୍ୱରଙ୍କ ନାମ **'ସୂର୍ଯ୍ୟ'** ।

**'ଅତ ସାତତ୍ୟଗମନେ'** ଧାତୁରୁ **'ଆତ୍ମା'** ଶବ୍ଦ ନିଷ୍ପନ୍ନ । **'ଯୋଽତତି ବ୍ୟାପ୍ନୋତି ସ ଆତ୍ମା'** — ଯିଏ

ଜୀବାଦି ସକଳ ଚରାଚର ଜଗତରେ ନିରନ୍ତର ବ୍ୟାପକ ହୋଇ ଅଛନ୍ତି, ସେ **'ଆତ୍ମା'** । **'ପରଷ୍ଟାସାବାତ୍ମା ଚ, ଯ ଆତ୍ମଭ୍ୟୋ ଜୀବେଭ୍ୟଃ ସୂକ୍ଷ୍ମେଭ୍ୟଃ ପରୋଽତିସୂକ୍ଷ୍ମଃ ସ ପରମାତ୍ମା'** — ଯିଏ ସମସ୍ତ ଜୀବ ଆଦିଙ୍କଠାରୁ ଉତ୍କୃଷ୍ଟ ଏବଂ ଜୀବ, ପ୍ରକୃତି ଓ ଆକାଶ ଠାରୁ ବି ସୂକ୍ଷ୍ମତମ ତଥା ସକଳ ଜୀବଙ୍କ ଅନ୍ତର୍ଯ୍ୟାମୀ ଆତ୍ମା, ଅତଏବ ସେହି ପରମେଶ୍ୱରଙ୍କ ନାମ **'ପରମାତ୍ମା'** ।

ସାମର୍ଥ୍ୟବାନଙ୍କ ନାମ 'ଈଶ୍ୱର' । **'ଯ ଈଶ୍ୱରେଷୁ ସମର୍ଥେଷୁ ପରମଃ ଶ୍ରେଷ୍ଠଃ ସ ପରମେଶ୍ୱରଃ'** — ଯିଏ ଈଶ୍ୱରଙ୍କ ଅର୍ଥାତ୍ ସାମର୍ଥ୍ୟବାନଙ୍କ ମଧ୍ୟରେ ପରମ ସମର୍ଥ, ଯାହାଙ୍କ ତୁଲ୍ୟ ଅନ୍ୟ କେହି ବି ନାହିଁ, ତାଙ୍କ ନାମ **'ପରମେଶ୍ୱର'** ।

**'ଷୁଞ୍ ଅଭିଷବେ', 'ଷୂଙ୍ ପ୍ରାଣିଗର୍ଭବିମୋଚନେ'** ଏ ଦୁଇ ଧାତୁରୁ **'ସବିତା'** ଶବ୍ଦ ସିଦ୍ଧ ହୁଏ । **'ଅଭିଷବଃ ପ୍ରାଣିଗର୍ଭବିମୋଚନଂ ଚୋତ୍ପାଦନମ୍ । ଯଶ୍ଚରାଚରଂ ଜଗତ୍ ସୁନୋତି ସୂତେ ବା-ଉତ୍ପାଦୟତି ସ ସବିତା ପରମେଶ୍ୱରଃ'** — ସକଳ ଚରାଚର ଜଗତକୁ ଉତ୍ପନ୍ନ କରୁଥିବାରୁ ପରମେଶ୍ୱରଙ୍କ ନାମ **'ସବିତା'** ।

**'ଦିବୁ କ୍ରୀଡ଼ା-ବିଜିଗୀଷା-ବ୍ୟବହାର-ଦ୍ୟୁତି-ସ୍ତୁତି-ମୋଦ-ମଦ-ସ୍ୱପ୍ନ-କାନ୍ତି-ଗତିଷୁ'** ଧାତୁରୁ **'ଦେବ'** ଶବ୍ଦ ଉତ୍ପନ୍ନ ହୁଏ । ଯିଏ **(କ୍ରୀଡ଼ା)** ସ୍ୱୟଂ ଶୁଦ୍ଧ ଜଗତ(ପ୍ରକୃତି)କୁ କ୍ରୀଡ଼ା କରାନ୍ତି, **(ବିଜିଗୀଷା)** ଧାର୍ମିକଙ୍କୁ ଜୟଯୁକ୍ତ କରିବା ଇଚ୍ଛାଯୁକ୍ତ, **(ବ୍ୟବହାର)** ସମସ୍ତଙ୍କୁ କର୍ମର ସାଧନ-ଉପସାଧନର ଦାତା, **(ଦ୍ୟୁତି)** ସ୍ୱୟଂ ପ୍ରକାଶସ୍ୱରୂପ, ସର୍ବପ୍ରକାଶକ, **(ସ୍ତୁତି)** ପ୍ରଶଂସନୀୟ, **(ମୋଦ)** ସ୍ୱୟଂ ଆନନ୍ଦସ୍ୱରୂପ ଓ ଅନ୍ୟମାନଙ୍କୁ ଆନନ୍ଦଦାତା, **(ମଦ)**ମଦୋନ୍ମତ୍ତଙ୍କୁ ତାଡ଼ନକାରୀ, **(ସ୍ୱପ୍ନ)** ସମସ୍ତଙ୍କ ଶୟନ ନିମିତ୍ତ ରାତ୍ରି ଓ ପ୍ରଳୟ ସମ୍ପାଦନକାରୀ, **(କାନ୍ତି)** କାମନା ଯୋଗ୍ୟ ଏବଂ **(ଗତି)** ଜ୍ଞାନସ୍ୱରୂପ, ସେହି ପରମେଶ୍ୱରଙ୍କ ନାମ **'ଦେବ'** ।

ଅଥବା **'ଯୋ ଦୀବ୍ୟତି କ୍ରୀଡ଼ତି ସ ଦେବଃ'** — ଯିଏ ସ୍ୱ ସ୍ୱରୂପରେ ସ୍ୱୟଂ ଆନନ୍ଦରେ କ୍ରୀଡ଼ା କରନ୍ତି ବା ଅନ୍ୟର ବିନା ସହାୟତାରେ କ୍ରୀଡ଼ାବତ୍ ସହଜ ସ୍ୱଭାବରେ ସକଳ ଜଗତକୁ ନିର୍ମାଣ କରନ୍ତି କିମ୍ବା ଯିଏ ସମସ୍ତ କ୍ରୀଡ଼ାର ଆଧାର, ସେ ଈଶ୍ୱର **'ଦେବ'** ଅଟନ୍ତି । **'ଯୋ ବିଜିଗୀଷତେ ସ ଦେବଃ'**— ଯିଏ ସମସ୍ତଙ୍କୁ ଜୟ କରନ୍ତି, କିନ୍ତୁ ସ୍ୱୟଂ ଅଜେୟ ଅଟନ୍ତି ଅର୍ଥାତ୍ ତାଙ୍କୁ କେହି ବି ଜିତି ପାରନ୍ତି ନାହିଁ ସେ ଈଶ୍ୱର **'ଦେବ'** ଅଟନ୍ତି । **'ଯୋ ବ୍ୟବହାରୟତି ସ ଦେବଃ'** — ଯିଏ ନ୍ୟାୟ ଓ ଅନ୍ୟାୟ ରୂପକ ବ୍ୟବହାରର ଜ୍ଞାତା ଓ ଉପଦେଷ୍ଟା, ସେ ଈଶ୍ୱର **'ଦେବ'** । **'ଯଶ୍ଚରାଚରଂ ଜଗତ୍ ଦ୍ୟୋତୟତି ସ ଦେବଃ'** — ଯିଏ ସମଗ୍ର ଚରାଚର ଜଗତକୁ ପ୍ରକାଶିତ କରନ୍ତି, ସେ **'ଦେବ'** । **'ଯଃ ସ୍ତୂୟତେ ସ ଦେବଃ'** — ଯିଏ ସମସ୍ତ ମନୁଷ୍ୟଙ୍କ ପ୍ରଶଂସାର ଯୋଗ୍ୟ, ନିନ୍ଦାର ଯୋଗ୍ୟ ନୁହନ୍ତି, ସେ **'ଦେବ'** । **'ଯୋ ମୋଦୟତି ସ ଦେବଃ'** — ଯିଏ ସ୍ୱୟଂ ଆନନ୍ଦସ୍ୱରୂପ ଓ ଅନ୍ୟଙ୍କୁ ଆନନ୍ଦିତ କରନ୍ତି, ଯାହାଙ୍କ ଠାରେ ଦୁଃଖର ଲବଲେଶ ନାହିଁ, ସେ **'ଦେବ'** । **'ଯୋ ମାଦ୍ୟତି ସ ଦେବଃ'** — ଯିଏ ସଦା ହର୍ଷିତ, ଶୋକରହିତ ଏବଂ ଅନ୍ୟମାନଙ୍କୁ ହର୍ଷିତ କରନ୍ତି ଓ ଦୁଃଖରୁ ଦୂରରେ ରଖନ୍ତି, ସେ ପରମେଶ୍ୱର **'ଦେବ'** ଅଟନ୍ତି । **'ଯଃ ସ୍ୱାପୟତି ସ ଦେବଃ'** — ଯିଏ ପ୍ରଳୟ ସମୟରେ ଅବ୍ୟକ୍ତରେ ସକଳ ଜୀବଙ୍କୁ ଶୁଆନ୍ତି, ସେ **'ଦେବ'** । **'ଯଃ କାମୟତେ କାମ୍ୟତେ ବା ସ ଦେବଃ'** — ଯାହାଙ୍କ ସକଳ କାମନା ସତ୍ୟ ଏବଂ ସମସ୍ତ ସଜ୍ଜନ ଯାହାଙ୍କୁ ପାଇବାର କାମନା କରନ୍ତି, ସେ ଈଶ୍ୱର **'ଦେବ'** । **'ଯୋ ଗଚ୍ଛତି ଗମ୍ୟତେ ବା ସ ଦେବଃ'** — ଯିଏ ସର୍ବବ୍ୟାପକ ଓ ଜାଣିବାର ଯୋଗ୍ୟ, ଅତଏବ ସେହି ପରମେଶ୍ୱରଙ୍କ ନାମ **'ଦେବ'** ଅଟେ ।

*(କ୍ରମଶଃ...)*

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

# 'ଶ୍ରୁତିସୌରଭ'ର ପ୍ରସାର ସହଯୋଗୀ

## ସଂସ୍ଥା

୧. ଶ୍ରୁତିନ୍ୟାସ
ସି-୭୩, ସେକ୍ଟର-୧୫, ରାଉରକେଲା-୩
ଚ.ଭା.- ୯୮୬୧୩୩୫୩୨୧,
୭୫୦୪୮୧୯୧୭୮, ୯୭୭୮୫୮୧୯୩୬

୨. ଶ୍ରୀବତ୍ସ ଗୋରକ୍ଷାଶ୍ରମ
ପୋ- ତନରଡ଼ା, ଭା-ଭଞ୍ଜନଗର, ଗଞ୍ଜାମ
ଚ.ଭା.- ୯୪୩୮୨୫୦୬୮୫

୩. ବେଦ ପ୍ରଚାର ସମିତି
ପ୍ଲଟ୍ ନଂ- ୫୭୫/ସି-୧, ସେକ୍ଟର-୮, ସିଡିଏ,
କଟକ
ଚ.ଭା.- ୯୪୩୯୪୮୬୯୮୨,
୯୪୩୮୧୨୫୭୮୯, ୯୭୭୮୫୦୧୮୨୩

୪. ବେଦ ପ୍ରଚାର ସମିତି
କମାପଲ୍ଲୀ, ବ୍ରହ୍ମପୁର
ଚ.ଭା.- ୯୪୩୮୦୩୨୯୯୨,
୯୪୩୮୭୬୮୫୪୧, ୯୭୭୬୫୪୪୭୫୮

୫. ବେଦ ପ୍ରଚାର ସମିତି
ପୋ.- ଚିକିଟି ପେଣ୍ଠ, ଗଞ୍ଜାମ
ଚ.ଭା.- ୯୪୩୯୨୬୨୧୯୪,
୯୬୫୮୯୫୫୪୭୧

୬. ବେଦ ପ୍ରଚାର ସମିତି
ବ୍ଲକ୍ ଛକ, ସୋନପୁର
ଚ.ଭା.- ୯୯୩୮୨୧୮୬୯୭,
୯୪୩୭୧୦୯୩୧୩,
୯୭୭୮୧୧୯୭୮୧, ୯୯୩୭୭୧୬୪୩୯

୭. ବେଦ ପ୍ରଚାର ସମିତି
ସ୍ୱାଧୀନ ପଡ଼ା, ପୋ-ଟିଟିଲାଗଡ଼, ବଲାଙ୍ଗିର
ଚ.ଭା.- ୮୨୮୦୧୮୯୨୨୯,
୮୮୯୫୮୮୬୭୮୩,
୯୬୫୮୯୬୪୪୩୩, ୯୯୩୭୭୦୭୭୬୪

୮. ବେଦ ପ୍ରଚାର ସମିତି
ଆୟୁଧନିର୍ମାଣୀ, ପୋ- ବଡ଼ମାଳ, ବଲାଙ୍ଗିର
ଚ.ଭା.- ୯୭୭୮୧୧୫୯୬୫,
୯୪୩୭୫୨୫୬୦୭,
୭୭୩୫୩୧୮୨୬୮, ୯୪୩୭୧୩୧୩୫୨

୯. ବେଦ ପ୍ରଚାର ସମିତି
ଲ' କଲେଜ ରୋଡ, ବରଗଡ଼
ଚ.ଭା.- ୯୪୩୭୧୧୦୦୬୫,
୮୭୬୩୩୪୪୧୭୫, ୯୮୬୧୩୭୨୨୭୬

୧୦.ବେଦ ପ୍ରଚାର ସମିତି
ପୋ.- ପାମରା, ଭା.- ବଡ଼ଗାଁ, ସୁନ୍ଦରଗଡ଼
ଚ.ଭା.-୯୯୩୮୮୪୦୫୧୯,
୯୯୩୭୦୧୮୯୪୨, ୯୨୩୮୭୧୧୩୪୫

୧୧.ବେଦ ପ୍ରଚାର ସମିତି
କୃଷ୍ଣ ନଗର, ତେଲେଙ୍ଗାସାହି ଛକ, ବାଲେଶ୍ୱର
ଚ.ଭା.- ୯୪୩୭୧୫୯୧୦୫,
୯୧୨୪୯୨୧୨୮୨

୧୨.ବେଦ ପ୍ରଚାର ସମିତି
ରେତଙ୍ଗ କଲୋନୀ, ଜଟଣୀ, ଖୋର୍ଦ୍ଧା
ଚ.ଭା.- ୮୪୫୫୮୯୧୪୨୮,
୮୪୫୫୮୯୧୫୯୧

୧୩.ବେଦ ପ୍ରଚାର ସମିତି
ସାମନ୍ତ ମାର୍ଗ(ଖଣ୍ଡପଡ଼ା ରୋଡ), ନୟାଗଡ଼
ଚ.ଭା.- ୯୪୩୭୨୩୨୬୧୩,
୯୪୩୭୪୭୨୫୭୨

୧୪.ବେଦ ପ୍ରଚାର ସମିତି
ନାରାୟଣୀ ସାହି, ଫୁଲବାଣୀ
ଚ.ଭା.- ୯୪୩୯୨୨୬୮୦୧,
୯୪୩୯୩୫୭୬୭୭

୧୫.ବେଦପ୍ରଚାର ସମିତି
ନୂଆସାହି, ବୌଦ୍ଧ
ଚ.ଭା.- ୮୭୬୩୩୯୦୦୪୫,
୯୪୩୭୧୨୪୧୫୫, ୯୪୩୭୭୮୮୫୮୧

୧୬.ବେଦ ପ୍ରଚାର ସମିତି
ଗାନ୍ଧି ଛକ, ଜୟପୁର, କୋରାପୁଟ
ଚ.ଭା.- ୯୪୩୭୨୦୬୬୫୭,
୯୪୩୭୦୩୩୨୫୪, ୯୪୩୭୪୧୪୪୩୩

୧୭.ବେଦ ପ୍ରଚାର ସମିତି
ଡ୍ରଗ୍ ଲାଇନ୍, ବାଲିମେଲା, ମାଲକାନଗିରି
ଚ.ଭା.- ୮୦୧୮୧୪୦୭୧୦,
୯୪୩୮୬୭୮୯୦୯

## ବ୍ୟକ୍ତି

| | | | |
|---|---|---|---|
| ୧. | ଶ୍ରୀମତୀ ନମିତା ପଟ୍ଟନାୟକ | ଜୟଦେବ ବିହାର, ଭୁବନେଶ୍ୱର | ୯୪୩୭୪୨୩୬୬୫ |
| ୨. | ଶ୍ରୀମତୀ ନର୍ମଦା ପାତ୍ର | ଭକ୍ତମଧୁ ନଗର, ଭୁବନେଶ୍ୱର | ୯୩୩୮୦୮୬୮୬୨ |
| ୩. | ଶ୍ରୀମତୀ ପ୍ରତିଭା ମହାପାତ୍ର | ରସୁଲଗଡ଼, ଭୁବନେଶ୍ୱର | ୯୧୨୪୮୮୦୧୫୯ |
| ୪. | ଶ୍ରୀମତୀ କବିତା ମହାପାତ୍ର | ରସୁଲଗଡ଼, ଭୁବନେଶ୍ୱର | ୯୪୩୮୬୭୭୩୩୨ |
| ୫. | ଶ୍ରୀମତୀ ମିତାଲି ପାତ୍ର | ଶୈଳଶ୍ରୀ ବିହାର, ଭୁବନେଶ୍ୱର | ୭୭୩୫୨୫୨୩୫୦ |
| ୬. | ଶ୍ରୀମାନ୍ କାଳୁଚରଣ ବେହେରା | ସି.ଡି.ଏ, କଟକ | ୯୪୩୭୦୩୨୪୧୨ |
| ୭. | ଶ୍ରୀମାନ୍ ଭାଗ୍ୟଧର ସ୍ୱାଇଁ | ସି.ଡି.ଏ, କଟକ | ୯୪୩୭୦୭୬୩୭୦ |
| ୮. | ଶ୍ରୀମାନ୍ ରମେଶ ଚନ୍ଦ୍ର ନାୟକ | ସି.ଡି.ଏ, କଟକ | ୯୪୩୭୩୬୬୧୪୩ |
| ୯. | ଶ୍ରୀମତୀ ପାର୍ବତୀ ଦେଈ | ସି.ଡି.ଏ, କଟକ | ୯୮୬୧୫୩୪୦୦୯ |
| ୧୦. | ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | ଶଙ୍କରପୁର, କଟକ | ୯୪୩୮୧୩୯୩୯୪ |
| ୧୧. | ଶ୍ରୀମାନ୍ ହରମୋହନ ସାହୁ | ବାଲି, ଆଠଗଡ଼ | ୯୭୭୮୮୫୦୪୨୪ |
| ୧୨. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସେକ୍ଟର-୨୦, ରାଉରକେଲା | ୯୮୬୧୩୭୨୦୭୬ |
| ୧୩. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସେକ୍ଟର-୧୪, ରାଉରକେଲା | ୯୮୬୧୦୫୬୦୪୬ |
| ୧୪. | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସେକ୍ଟର-୦୬, ରାଉରକେଲା | ୯୪୩୭୬୦୧୩୬୦ |
| ୧୫. | ଶ୍ରୀମତୀ ରାସେଶ୍ୱରୀ ଦେଈ | ସିଭିଲ୍ ଟାଉନ୍‌ସିପ୍, ରାଉରକେଲା | ୯୪୩୭୪୦୮୧୨୨ |
| ୧୬. | ଶ୍ରୀମାନ୍ ଦୟାସାଗର ସାହୁ | କମାପଲ୍ଲୀ, ବ୍ରହ୍ମପୁର | ୯୪୩୭୪୩୪୭୨୨ |
| ୧୭. | ଶ୍ରୀମାନ୍ ପ୍ରିୟଦର୍ଶୀ ଦାଶ | ଫ୍ରେଣ୍ଡ୍ସ କଲୋନୀ, ବ୍ରହ୍ମପୁର | ୯୪୩୮୦୦୯୬୪୬ |
| ୧୮. | ଡଃ. ରୁଦ୍ରପ୍ରସନ୍ନ ମହାପାତ୍ର | ଶରଧାବାଲି, ବ୍ରହ୍ମପୁର | ୯୪୩୭୨୬୧୪୬୮ |
| ୧୯. | ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ନୀଳାଚଳ ନଗର, ବ୍ରହ୍ମପୁର | ୭୨୦୫୮୮୯୮୮୪ |
| ୨୦. | ଡଃ. ଉଷା ପାଢ଼ୀ | ଭଞ୍ଜନଗର, ଗଞ୍ଜାମ | ୯୪୩୭୧୦୯୧୧୧ |
| ୨୧. | ଶ୍ରୀମତୀ ଆରତୀବାଳା ପ୍ରଧାନ | ଭଞ୍ଜନଗର, ଗଞ୍ଜାମ | ୯୪୩୭୫୧୫୪୨୪ |
| ୨୨. | ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଭଞ୍ଜନଗର, ଗଞ୍ଜାମ | ୯୪୩୯୩୨୬୨୧୧ |
| ୨୩. | ଶ୍ରୀମାନ୍ ଅଜିତ କୁମାର ପଣ୍ଡା | ଚିକିଟି ଗଡ଼, ଗଞ୍ଜାମ | ୯୪୩୭୧୮୬୬୩୭ |
| ୨୪. | ଡା. ସୁକାନ୍ତି ଦାସ | ମାକଲପୁର, ବାଲେଶ୍ୱର | ୭୮୭୩୨୯୩୧୩୦ |

(ଅବଶିଷ୍ଟାଂଶ ୧୭ପୃଷ୍ଠାରେ)

₹ 20/- Shruti Sourabha Vol. 1 Issue 1 Sept.-Oct. 2015

# ସଫଳତା

- ଯଦି ଆମେ **ଛୋଟ-ଛୋଟ** କଥା ପ୍ରତି **ଧ୍ୟାନ** ଦେଉ, ତେବେ **ମହାନ୍ ଉନ୍ନତି** ହୋଇଥାଏ, କିନ୍ତୁ **ମହାନ୍ ଉନ୍ନତି** କୌଣସି **ଛୋଟ** କଥା ନୁହେଁ ।
- କୌଣସି କାର୍ଯ୍ୟକୁ ଛୋଟ ବିଚାରି ଉପେକ୍ଷା କରନାହିଁ । ଏହି **ଛୋଟ-ଛୋଟ କାର୍ଯ୍ୟ** ହିଁ ଆସନ୍ତା କାଲି **ବଡ଼ ସଫଳତା** ଆଣିଦେବ ।
- ସଫଳତା ଦୌଡ଼ର କେବଳ ଅନ୍ତିମ ପାଦରେ ମିଳିନଥାଏ, ବରଂ ପ୍ରତ୍ୟେକ ପାଦର ସେଥିରେ ଭାଗ(ଯୋଗଦାନ) ଥାଏ । ଏଣୁ ପ୍ରତ୍ୟେକ ପାଦବୁଝି-ବିଚାରି ଠିକ୍ ଭାବେ ପକାଅ ଏବଂ ଜିତିଯାଅ ।
- ଛୋଟରୁ ଛୋଟ କାର୍ଯ୍ୟ ବି ପୂର୍ଣ୍ଣ **ଶ୍ରଦ୍ଧା, ବିଚାର** ଓ **ନିଷ୍ଠାର** ସହ କର । ଈଶ୍ୱରଙ୍କ କୃପାରୁ **ସଫଳତା ନିଶ୍ଚୟ ମିଳିବ ।**
- ଯଦି ଆପଣ ନିଜ କାର୍ଯ୍ୟକୁ **ଆନନ୍ଦ ସହକାରେ କରୁଛନ୍ତି**, ତେବେ **ସଫଳତା ନିଶ୍ଚିତ** । ଯଦି ନିଜ କାର୍ଯ୍ୟକୁ **ବୋଝ** ବୋଲି ବିଚାରୁଛନ୍ତି, ତେବେ ସଫଳତା ପ୍ରାପ୍ତି **ସଂଶୟଯୁକ୍ତ** ।
- ସଫଳତାର ଚାରି ସୂତ୍ର—୧. ଧ୍ୟାନପୂର୍ବକ **ଶୁଣିବା**, ୨. ଗମ୍ଭୀରତାର ସହ **ବିଚାର କରିବା**, ୩. ଉଚିତ **ନିର୍ଣ୍ଣୟ** ନେବା, ୪. ତାହାକୁ **ଆଚରଣରେ** ଆଣିବା । **ସଫଳତା ଆପଣଙ୍କର ଚରଣ ଚୁମ୍ବନ କରିବ ।**
- ସଫଳ ବ୍ୟକ୍ତି ଉତ୍ତମ ଫଳର ନୁହେଁ, ଉତ୍ତମ ଆରମ୍ଭର ଯୋଜନା ପ୍ରସ୍ତୁତ କରନ୍ତି । **ଆରମ୍ଭ ଉତ୍ତମ** ହେବା ଦ୍ୱାରା **ଉତ୍ତମ ଫଳ** ଆପେ-ଆପେ ମିଳିଯାଇଥାଏ । ଏଣୁ ଉତ୍ତମ ଆରମ୍ଭ କରନ୍ତୁ ।

**- ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ**



Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, Sailashree Vihar, PO - Chandrasekharpur, BBSR - 21
**Editor : Padmanabha Swain**